visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.296 Bhubaneswar Sunday, January 16, 2022 | ୨୪ତମ ବର୍ଷ ସଂଖ୍ୟା-୨୯୬ ଭୁବନେଶ୍ୱର, ରବିବାର, ଜାନୁଆରୀ ୧୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## କୋଣାର୍କରେ ସୂର୍ଯ୍ୟନାରାୟଣଙ୍କ ବିଶ୍ୱ ମୈତ୍ରୀ ରଥ ଯାତ୍ରା





କୋଣାର୍କ,୧୫।୧(ପି.ଏନ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅର୍କ କ୍ଷେତ୍ର କୋଣାର୍କସ୍ଥ ଅନନ୍ତ ଅବଧୂତ ମଠ ପରିସରରେ ସୌର ବ୍ରାହ୍ମଣ ପରିଷଦ ଆନୁକୁଲ୍ୟରେ ଆୟୋଜିତ ପାରମ୍ପାରିକ ତଥା ବିଧିବିଧାନ ମୁତାବକ ବିଶ୍ୱ ଶାନ୍ତି ଗ୍ରହଯଜ୍ଞ ଓ ବିଶ୍ୱ ମୈତ୍ରୀ ରଥ ଯାତ୍ରା ଶ୍ରୀ ଶ୍ରୀ ଭଗବାନ ସୂର୍ଯ୍ୟ ନାରାୟଣଙ୍କ ଜନ୍ମ ପୀଠ ଅର୍କ କ୍ଷେତ୍ର କୋଣାର୍କ ଠାରେ ଓମିକ୍ରନ କରୋନା କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶାମ୍ବ ଦଶମୀ ପରିପ୍ରେକ୍ଷୀରେ ବସୁଧୈବଂ କୁଟୁମ୍ବକଂ ଭାବନାର ଜାଗରଣ ସହିତ ବିଶ୍ୱ ଭାତୃତ୍ୱ ସୃଷ୍ଟିର ଲକ୍ଷ୍ୟ ନେଇ ଏହି ବିଶ୍ୱ ଶାନ୍ତି ଗ୍ରହଯଜ୍ଞ ଜାନୁଆରୀ ୮ ଅଙ୍କୁରାରୋପଣରୁ ଆରମ୍ଭ ହୋଇ ଜାନୁଆରୀ ୧୧ରେ ପୂର୍ଣ୍ଣାହୁତି ହୋଇଛି । ବିଶ୍ୱ ଶାନ୍ତି ଓ ବିଶ୍ୱ ମୈତ୍ରୀ ଭାବ ପ୍ରତିଷ୍ଠା ଲକ୍ଷ୍ୟ ନେଇ ଭଗବାନ ସୂର୍ଯ୍ୟ ନାରାୟଣ ଶାମ୍ବ ଦଶମୀରେ ରଥାରୁଢ ହୋଇ ୨୭ ଦିନ ଧରି ରଥ ଯାତ୍ରା କରିଛନ୍ତି । ଏହାଦ୍ୱାରା ବିଶ୍ୱ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ବୈଦିକ ମନ୍ତ୍ରଧ୍ୱନିର ଉଚ୍ଚାରଣ ,ଗ୍ରହଯଜ୍ଞର ଆଚରଣ ଏବଂ ବିଶ୍ୱ ମୈତ୍ରୀଭାବ ନେଇ ସୂର୍ଯ୍ୟନାରାୟଣଙ୍କ ରଥରେ ବିରାଜମାନ ଫଳରେ ସାରା ବିଶ୍ୱରୁ ଅଶାନ୍ତି , ଦୁଃଖକଷ୍ଟ, ଯନ୍ତ୍ରଣା ଦୂର ହୋଇପାରିବ ଏବଂ ବାତାବରଣ ଶୁଦ୍ଧ ଓ ଆନନ୍ଦମୟ ହୋଇପାରିବ। ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ପବିତ୍ର ଅର୍କକ୍ଷେତ୍ରରେ ସୂର୍ଯ୍ୟ ଉପାସନା ବଳରେ କୁଷ୍ଠରୋଗରୁ ଆରୋଗ୍ୟଲାଭ ହୋଇଥିଲେ । ସୂର୍ଯ୍ୟ ଉପାସନାର ବିଧି ବିଧାନ ସ୍ୱରୂପ ଏଠାରେ ବିଶ୍ୱ ଶାନ୍ତି ଗ୍ରହଯଜ୍ଞ ଓ ବିଶ୍ୱ ମୈତ୍ରୀ ରଥ ଯାତ୍ରା ପ୍ରତି ବର୍ଷ ଅନନ୍ତ ଅବଧୂତ ମଠ ମହନ୍ତ ଆଦିତ୍ୟ ନାରାୟଣ ଦାସଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି ବୋଲି ସୌର ବ୍ରାହ୍ମଣ ପରିଷଦର ସଭାପତି ରଘୁନାଥ ଦାଶ ପ୍ରକାଶ କରିଛନ୍ତି । ସୂର୍ଯ୍ୟନାରାୟଣଙ୍କ ବିଶ୍ୱମୈତ୍ରୀ ରଥଯାତ୍ରା ଦର୍ଶନକଲେ ଗ୍ରହଦୋଷ ଖଣ୍ଡନ ହୋଇଥାଏ। ରଥ ଟାଣିଲେ ଗ୍ରହପୀଡା ଦୂର ହୁଏ ବୋଲି ପରିଷଦର ସଂପାଦକ ନିମାଇଁ ଚରଣ ଦାଶ କହିଛନ୍ତି। ଏଠାରେ ବିଶ୍ୱ ଶାନ୍ତି ଗ୍ରହଯଜ୍ଞ ଓ ବିଶ୍ୱ ମୈତ୍ରୀ ରଥଯାତ୍ରାର ଅପୂର୍ବ ସଂସ୍କୃତିକ ମିଳନ ଘଟିଛି ବୋଲି କହିଛନ୍ତି ନୟାଗଡ ଶାକଦ୍ୱୀପ ବୈଦିକ ପରିଷଦର ସଭାପତି ପ୍ରଫୁଲ କୁମାର ନାୟକ। ବୈଦିକ ପରିଷଦର ସଂପାଦକ ପ୍ରଦୀପ୍ତ କୁମାର ନାୟମଙ୍କ ମତରେ ଶାମ୍ବ ଦଶମୀରେ କୋଣାର୍କ ଠାରୁ ଚନ୍ଦ୍ରଭାଗା ତୀର୍ଥକୁ ସୂର୍ଯ୍ୟନାରାୟଣଙ୍କ ରଥଯାତ୍ରା ସର୍ଭିଙ୍କ ମନରେ ଭକ୍ତିଭାବ ସଂଚାର ପୂର୍ବକ ଆଧାତ୍ମିକ ଚେତନା ଜାଗ୍ରତ କରୁଛି। ଏହି ଅବସରରେ ସିଦ୍ଧ ଶିବ ଯୋଗ ଶକ୍ତି ଆଶ୍ରମର ମଠାଧିଶ ଆଦ୍ୟାନନ୍ଦ ସରସ୍ୱତୀ କହିଛନ୍ତି ଯେ, ବିଶ୍ୱ ଶାନ୍ତି ଗ୍ରହଯଜ୍ଞ ଓ ବିଶ୍ୱମୈତ୍ରୀ ରଥଯାତ୍ରା ଦର୍ଶନରେ ଗ୍ରହଦୋଷର ପ୍ରତିକାର ହେଇଥାଏ। ବିଶ୍ୱ ଗ୍ରହଶାନ୍ତି ଯଜ୍ଞର ଅଙ୍କୁରାରୋପଣ ଜାନୁଆରୀ ୮ ତାରିଖ ଶନିବାର ଠାରୁ ଆରମ୍ଭ ହୋଇ ରବିବାର ସୂର୍ଯ୍ୟପୂଜା , ସର୍ବଦେବାଦେବୀ ଆବାହନ ଓ ଅଗ୍ନି ସ୍ଥାପନ ସହକାରେ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଆରମ୍ଭ ହୋଇଥିଲା। ପବିତ୍ର କ୍ଷେତ୍ରରେ ଆୟୋଜିତ ଗ୍ରହଶାନ୍ତି ଓ ସୂର୍ଯ୍ୟ ଉପାସନା କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ସଭାପତି ଡଃ. ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲାବେଳେ ବେଦବିଦ୍ୟା ବାଚସ୍ପତି ବୀରକିଶୋର ତ୍ରିପାଠୀଙ୍କ ସମେତ ଶ୍ରୀକ୍ଷେତ୍ର ପୁରୀସ୍ଥ ବଡ ଓଡିଆ ମଠ ମହନ୍ତ ବଂଶୀଧର ଦାସ, କୋଣାର୍କ ଗବେଷକ ଡଃ ପ୍ରଫେସର ବଳରାମ ମିଶ୍ର ଏବଂ ସତ୍ୟ ଅନନ୍ତ ଆଶ୍ରମର ମଠାଧିଶ ଅଭିରାମ ସରସ୍ୱତୀ ଯୋଗ ଦେଇଥିଲେ। ଏଠାରେ ଗ୍ରହ ଉପଚାର ବିଧି ସହ ପ୍ରତି ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପବିତ୍ର ଶାମ୍ବ ଦଶମୀରେ ସୂର୍ଯ୍ୟନାରାୟଣଙ୍କ ମହାସ୍ନାନ ପରେ ସଂସ୍କାର ହୋମ , ରଥମାର୍ଜନା ନୀତି ଅନୁଷ୍ଠିତ ହେବା ପରେ ପହଣ୍ଡି ବିଜେ ହୋଇ ଚନ୍ଦ୍ରଭାଗା ଅଭିମୁଖେ ସାରା ବିଶ୍ୱକୁ ପ୍ରତିନିଧିତ୍ୱ କରୁଥିବା ସୂର୍ଯ୍ୟନାରାୟଣଙ୍କ ବିଶ୍ୱ ମୈତ୍ରୀ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଦିନ ଠାରୁ ୨୭ ଦିନ ଯାଏଁ ସପ୍ତବିଂଶନକ୍ଷତ୍ରାଦିଭିଷେକ ଓ ପୂଜା ବିଧି କରାଯିବ ବୋଲି ଅଚ୍ୟୁତାନନ୍ଦ ନାୟକ କହିଛନ୍ତି । ଦୀର୍ଘ ୨୭ ଦିନର ଅବସ୍ଥାନ ପରେ ପବିତ୍ର ମାଘ ସପ୍ତମୀ ଚନ୍ଦ୍ରଭାଗା ବୁଡ ଫେବୃଆରୀ ୭,ସୋମବାର ମାଘ ସପ୍ତମୀରେ ସୂର୍ଯ୍ୟନାରାୟଣଙ୍କ ବାହୁଡା ଯାତ୍ରା ହେବ। ଗ୍ରହ ଶାନ୍ତି ହେଲେ ବିଶ୍ୱ ଶାନ୍ତି ହେବ ବୋଲି ଯଜ୍ଞ ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଆଚାର୍ଯ୍ୟ ମତ ପ୍ରକାଶ କରିଛନ୍ତି । ବିଶ୍ୱ ଶାନ୍ତି ଗ୍ରହଯଜ୍ଞ ଦ୍ୱାରା ବିଶ୍ୱର କଲ୍ୟାଣସାଧନ ହୋଇପାରିବ ବୋଲି ମହେଶ୍ୱର ମହାପାତ୍ର, ରାଜନ ରାଜେଶ୍ୱରୀ ନାୟକ ଅମ୍ବିକା ପ୍ରସାଦ ନାୟକ,ମହେନ୍ଦ୍ର କୁମାର ନାୟକ ବିଭୁ ପ୍ରସାଦ ନାୟକ, ବସନ୍ତ ନାୟକ,ବିଭୁ ଆଚାର୍ଯ୍ୟ,ତ୍ରିନାଥ ଆଚାର୍ଯ୍ୟ, ଜ୍ଞାନ ରନ ବିଶାରଦ, ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ ରାୟ ପ୍ରମୁଖ ପ୍ରକାଶ କରିଛନ୍ତି।

## ହାଇପ୍ରୋଫାଇଲ୍ ଠକକୁ ଗିରଫ କଲା କମିଶନରେଟ୍ ପୋଲିସ୍

ଭୁବନେଶ୍ୱର, ୧୫।୧(ପି.ଏନ): କମ୍ ଦିନରେ ଅଧିକ ସୁଧ ଦେବାକୁ କହି ୪ କୋଟିରୁ ଅଧିକ ଟଙ୍କା ଠକେଇ କରିଥିବା ଅଭିଯୋଗରେ ମଂଚେଶ୍ୱର ଥାନା ପୋଲିସ୍ ହାଇପ୍ରୋଫାଇଲ ଠକ ପ୍ରଭାକର ଜେନାକୁ ସାମନ୍ତରାପୁରରୁ ଗିରଫ କରିଛି। ଭୁବନେଶ୍ୱର ଜୋନ-୫ ଏସିପି ସଂଜୀବ ଶତପଥୀ ଏନେଇ ସୂଚନା ଦେଇଛନ୍ତି। ଗିରଫ ପ୍ରଭାକରର ଘର କେନ୍ଦ୍ରାପଡ଼ା ଜିଲ୍ଲା ଦେଉଳତାର ରାଜକନିକା ଅଂଚଳରେ। ମଂଚେଶ୍ୱର ଥାନାରେ ସୌମ୍ୟଦୀପ୍ତ ନାୟକ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ତେବେ ତାଙ୍କ ବିରୋଧରେ ଏକାଧିକ ମାମଲା ରହିଛି। ସୌମ୍ୟଦୀପ୍ତ ନାୟକ ଓ ତାଙ୍କ ଭାଇଙ୍କୁ ପ୍ରଲୋଭିତ କରି ପ୍ରଭାକର ୧ କୋଟି ୩୦ ଲକ୍ଷ ଟଙ୍କା ନେଇଥିଲେ। ସେଥିରୁ ସେ ସେମାନଙ୍କୁ ୧୭ ଲକ୍ଷ ଟଙ୍କା ଫେରାଇ ଦେଇଥିଲେ। କିନ୍ତୁ ଅବଶିଷ୍ଟ ଟଙ୍କା ନଦେଇ ଫେରାର ହୋଇଯାଇଥିଲେ। ଏନେଇ ସୌମ୍ୟଦୀପ୍ତ ମଂଚେଶ୍ୱର ଥାନା ଅଭିଯୋଗ କରିଥିଲେ। ଏସିପି କହିଛନ୍ତି, ପ୍ରଭାକର ବହୁସ୍ଥାନରେ ଲୋକଙ୍କୁ ଠକି ଟଙ୍କା ନେଇଛି। ପ୍ରଭାକର ଚେନ୍ନାଇରେ କାମ କରୁଥିଲା। ସେଠାରୁ ଆସିବା ପରେ ଏପରି କାମ କରୁଥିଲା। ଆମେ ତାଙ୍କୁ ୪ ଦିନିଆ ରିମାଣ୍ଡ ନେବାକୁ କୋର୍ଟରେ ଆବେଦନ କରିବୁ। ରିମାଣ୍ଡରେ ଆଣି ତାଙ୍କୁ ପଚରଉଚରା କରିବା ପରେ ସବୁ କଥା ଜଣାପଡ଼ିବ।

## ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ ଟପିଲା

ଭୁବନେଶ୍ୱର, ୧୫।୧(ପି.ଏନ): ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ ଟପିଛି। ଶନିବାର ଦିନ ରାଜ୍ୟରେ ଆଉ ୩୨ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ଆଇଏଲ୍ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ଏହା ସହିତ ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୨୦୨କୁ ବୃଦ୍ଧି ପାଇଛି।ଉଲ୍ଲେଖନୀୟ ଯେ ଗତ ଡିସେମ୍ବର ୨୧ ତାରିଖରେ ରାଜ୍ୟରେ ପ୍ରଥମ ଥର ପାଇଁ ୨ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏହାପରେ ଡିସେମ୍ବର ୨୩ ରେ ୨, ଡିସେମ୍ବର ୨୬ ରେ ୪,ଡିସେମ୍ବର ୨୯ରେ ୧ , ଡିସେମ୍ବର ୩୦ ରେ ୫ ,ଜାନୁଆରୀ ୨ ରେ ୨୩ ଜଣ , ଜାନୁଆରୀ ୫ ରେ ୨୪ , ଜାନୁଆରୀ ୮ରେ ୧୪ ,ଜାନୁଆରୀ ୧୦ ରେ ୨୮ ଓ ଜାନୁଆରୀ ୧୨ ରେ ସର୍ବାଧିକ ୬୭ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

## ୪ ଆଇଏଏସ୍ ଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୧୫।୧(ପି.ଏନ): ରାଜ୍ୟ ସରକାର ୧୯୯୧ ବ୍ୟାଚ୍ ର ୪ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ସେହିପରି ୨ ଜଣ ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ରୀୟ ଡେପୁଟେସନ୍ ରେ ଯିବା ଲାଗି ଅନୁମତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।ବିଜ୍ଞପ୍ତି ଅନୁସାରେ ୧୯୯୧ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଅନୁ ଗର୍ଗ, ମଧୁସୂଦନ ପାଢ଼ୀ, ସତ୍ୟବ୍ରତ ସାହୁ ଓ ବିଜୟ ଅରୋରାଙ୍କୁ ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି। ଅପରପକ୍ଷେ ୧୯୯୦ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଜି. ଶ୍ରୀନିବାସ ଓ ଆରତୀ ଆହୁଜାଙ୍କୁ କେନ୍ଦ୍ରୀୟ ଡେପୁଟେସନ୍ ରେ ଯିବା ଲାଗି ଅନୁମତି ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପୌର ନିର୍ବାଚନ ପାଇଁ ପ୍ରକାଶ ପାଇଲା ସଂରକ୍ଷଣ ଚିଠା ତାଲିକା

ଭୁବନେଶ୍ୱର, ୧୫।୧(ପି.ଏନ): ପଂଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଦିନ ରାଜ୍ୟର ୧୦୭ଟି ମ୍ୟୁନିସିପାଲିଟି ଓ ଏନ୍ଏସି ଅଧକ୍ଷ ପଦ ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ପ୍ରକାଶ କରାଯାଇଛି।

## ୧୭ରୁ ଭୁବନେଶ୍ୱର ଏମ୍ସ ଓପିଡି ବନ୍ଦ

ଭୁବନେଶ୍ୱର, ୧୫।୧(ପି.ଏନ): ଆସନ୍ତା ୧୭ରୁ ବନ୍ଦ ହେବ ଭୁବନେଶ୍ୱର ଏମ୍ସ ଓପିଡି । ଏମ୍ସର କିଛି ଅଧିକାରୀ ଓ କର୍ମଚାରୀ ପଜିଟିଭ ଚିହ୍ନଟ ପରେ ଏପରି ପଦକ୍ଷେପ ନିଆଯାଇଛି। ଓପିଡି ବନ୍ଦ ହେଲେ ମଧ କିଛି ଜରୁରିକାଳୀନ ସେବା ଚାଲୁ ରହିବ। ଏନେଇ ଭୁବନେଶ୍ୱର ଏମସ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଯେଉଁମାନେ ଅନଲାଇନ୍ ରେ ପଂଜୀକରଣ କରିଥିବେ ସେମାନେ ପ୍ରବେଶ ଦ୍ୱାର ନିକଟରେ ଏହାକୁ ଦେଖାଇ ଯାଇପାରିବେ।
ଓପିଡି ବନ୍ଦ ରହିଲେ ହେଁ ଏମସ୍ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଯୋଗେ ରୁଟିନ୍ ଚେକ୍ ଅପ୍ ଜାରି ରହିବ। ସେହିପରି ଟେଲି ମେଡିସିନ୍ ସେବା ମଧ୍ୟ ଚାଲୁ ରହିବ।

## ଗୋଟିଏ ଦିନରେ ୧୦୮୫୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୮୫୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୨୨୭୩୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୨୧ ଓ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୨ ହଜାର ୩୯୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୮୦୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୮୫୬ ଜଣଙ୍କ ମଧ୍ୟରୁ ୬୨୯୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୫୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୦୮୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୪, ବାଲେଶ୍ୱର ଜିଲ୍ଲାରୁ ୩୨୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩୮, କଟକରୁ ୯୦୯ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୧୩୫, ଗଂଜାମ ଜିଲ୍ଲାରେ ୧୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୨୨, ଯାଜପୁରରୁ ୨୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୨ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୮୪ , ଖୋର୍ଦ୍ଧାରୁ ୩୦୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୬୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୩୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୪୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୭୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୯୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୫୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୯୪୩, ଷ୍ଟେଟ୍ ପୁଲରୁ ୭୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବଢ଼ିବ ଶୀତ , ୨୦ ପର୍ଯ୍ୟନ୍ତ ଘନ କୁହୁଡି ଆଶଙ୍କା

ଭୁବନେଶ୍ୱର, ୧୫।୧(ପି.ଏନ): ରାଜ୍ୟରେ ଗତ କିଛି ଦିନ ଧରି ଚାଲିଥିବା ଅଦିନିଆ ବର୍ଷା କମିବା ପରେ ଆଜି ପାଗ ଖରାଟିଆ ରହିଛି। ତେବେ ବର୍ଷା କମିବା ପରେ ରାଜ୍ୟରେ ଶୀତ ବଢିବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଛି ଯେ ରାଜ୍ୟରେ ଆସନ୍ତା କିଛି ଦିନ ପ୍ରବଳ ଶୀତ ଅନୁଭୂତ ହେବ। ୩ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ।ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ କହିଛି ।

## ବରୀ ନିର୍ବାଚନମଣ୍ଡଳୀର ବହୁ ବିଶିଷ୍ଟ ବ୍ୟକ୍ତି ବିଜେପିରେ ସାମିଲ

ଭୁବନେଶ୍ୱର, ୧୫।୧(ପି.ଏନ): ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯାଜପୁର ଜିଲ୍ଲା ବରୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ନୌସେନା ଅଧିକାରୀ କବୀର ଦାସ ଓ କେଶରୀଆ ହିନ୍ଦୁ ବାହିନୀ ରାଜ୍ୟ ସଭାପତି ରବିନ୍ଦ୍ର ଶତପଥୀ ଆଜି ନିଜ ନିଜ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।ଆଜି ଦେଶବ୍ୟାପୀ 'ନ୍ୟାସନାଲ ଆର୍ମି ଦିବସ' ପାଳନ କରାଯାଉଛି । ଆଜିର ଏହି ମହାନ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶ ଓ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦେଶ ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ସେନା ଅଧିକାରୀମାନେ ବିଜେପିରେ ସାମିଲ ହେବା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ । ବର୍ତମାନ ଗରିବ ଲୋକଙ୍କୁ ସ୍ୱାର୍ଥ ପ୍ରଦାନର ଲଢେଇରେ ସାମିଲ ହେବା ନିଷ୍ପତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସେହିପରି ତାଙ୍କ ସହିତ ବରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରୁ ମା, ଯୁବ ସାଥୀ ଏବଂ ଗୁରୁଜନବୃନ୍ଦ ବିଭିନ୍ନ ରାଜନୈତିକ ଦଳକୁ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ଯୋଜନାଗୁଡିକର ସୁଲାଭ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଁଚାଇବା ପାଇଁ ରାଜ୍ୟ ବିଜେପି ତରଫରୁ ଦୀର୍ଘ ଦିନ ଧରି ଆନ୍ଦୋଳନ ଜାରୀ ରହିଛି । ନିଜ ଅଂଚଳର ଜନସାଧାରଣଙ୍କର ସୁରକ୍ଷା ସହିତ ସେମାନଙ୍କ ପାଖରେ ମୋଦିଜୀଙ୍କର ଯୋଜନାକୁ ପହଁଚାଇ ଗ୍ରାମାଂଚଳର ଜୀବନ ଧାରଣରେ ଉନ୍ନତି କରିବାରେ ଜଣେ ଜଣେ ସଜାଗ ପ୍ରହାରୀ ଭାବରେ କାମ କରିବାକୁ ଶ୍ରୀ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ଏହି ଅବସରରେ ରତ୍ନଗିରି ପଂଚାୟତର ଶାନ୍ତିଲତା ଜେନା, କବିତା ଦାସ, ସଂଯୁକ୍ତା ପ୍ରଧାନ, ଜୟନ୍ତୀ ଶାନ୍ତି, ତାରାମଣି ଜେନା, ପ୍ରତିମା ମହାନ୍ତି, ସୁକାନ୍ତି ଜେନା, ମହେଶ୍ୱର ଦାସ, ତାରେଣୀସେନ୍ ଦାସ, ମଣିକାନ୍ତ ଦାସ, ଉମାକାନ୍ତ ମହାନ୍ତି, ଜିତେନ୍ଦ୍ର ଦାସ, ସମୀର ଦାସ, ରଞ୍ଜିତ୍ ଶାନ୍ତି, ଉଦୟ କୁମାର ଶାନ୍ତି, ମଧୁସୂଦନ ଶାନ୍ତି, ଦୀନବନ୍ଧୁ ଦାସ, ରମେଶ ସାମଲ; ଆମଥପୁର ପଂଚାୟତର, ସୌମ୍ୟ ରଞ୍ଜନ ସାହୁ, ମାନସ ମଲ୍ଲିକ୍, ରମେଶ ଦାସ, ପପୁ ମଲ୍ଲିକ୍; ମନ୍ଦାରୀ ପଂଚାୟତର ପ୍ରଦୀପ ବେହେରା, ରତିକାନ୍ତ ବେହେରା, ନରହରି ବେହେରା, ସୌମ୍ୟରଂଜନ ଶାନ୍ତି; ବରି ପଂଚାୟତର ଯୁବ ନେତା ଅକ୍ଷୟ ମହାଲିକ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।ଏହି ମିଶ୍ରଣ ପର୍ବ ଅବସରରେ ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ, ଯାଜପୁର ଜିଲ୍ଲା ପୂର୍ବତନ ସଭାପତି ଆଶୁତୋଷ ପରିଡା, ରତ୍ନଗିରି ମଣ୍ଡଳ ସଭାପତି ଅଜୟ ନାଏକ ଓ ରାଜ୍ୟ ଗଣମାଧ୍ୟମ ସହ ପ୍ରମୁଖ ସୁଜିତ୍ କୁମାର ଦାସ୍ ଉପସ୍ଥିତ ଥିଲେ ।

## ଉତ୍ତରପ୍ରଦେଶ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲେ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧ (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱାଧୀନ ସରକାର ଗରିବ, ମହିଳା, ଯୁବ ଏବଂ ପଛୁଆ ବର୍ଗଙ୍କ ପାଇଁ ସମର୍ପିତ ରହିଛି ବୋଲି ଶନିବାର ନୂଆଦିଲ୍ଲୀ ସ୍ଥିତ ବିଜେପିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଉତରପ୍ରଦେଶ ବିଧାନସଭା ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିବା ଅବସରରେ କହିଛନ୍ତି ଉତରପ୍ରଦେଶ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୨୨ ଉତରପ୍ରଦେଶ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ପ୍ରଥମ ପର୍ଯ୍ୟାୟ ପାଇଁ ୫୭ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୪୮ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଏଥର ଦଳ ପକ୍ଷରୁ ୨୧ ଜଣଙ୍କୁ ନୂଆ ପ୍ରାର୍ଥୀ କରାଯାଇଛି। ପ୍ରାର୍ଥୀ ଚୟନରେ ଯୁବ ବର୍ଗଙ୍କ ସମେତ ସବୁ ବର୍ଗକୁ ଧ୍ୟାନ ଦିଆଯାଇଛି। ନିର୍ବାଚନରେ ଉତରପ୍ରଦେଶର ପ୍ରାୟ ୧୫ କୋଟି ଭୋଟର ନିଜର ମତ ସାବ୍ୟସ୍ତ କରିବେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ପାଳନ କରିବା ବେଳେ ଏହି ନିର୍ବାଚନରେ ପ୍ରଜାତନ୍ତ୍ରର ବିଜୟ ସୁନିଶ୍ଚିତ ହେବ।୨୦୧୪ରୁ ନରେନ୍ଦ୍ର ମୋଦି ବୃହତ ଜନଆସ୍ଥା କାରଣରୁ ପ୍ରଧାନମନ୍ତ୍ରୀର ଦାୟିତ୍ୱ ନେଲେ। ସେହି ସମୟରେପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କ ସମ୍ମୁଖରେ ଏକ ପ୍ରତିବଦ୍ଧତା ରଖିଲେ। ଆମ ସରକାର ଗରିବ, ମହିଳା, ଯୁବ ଓ ପଛୁଆ ବର୍ଗଙ୍କ ପାଇଁ ସମର୍ପିତ ରହିବ। ଆମ ସରକାର "ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସର ସରକାର"। ଏହି କାରଣରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଗରିବ କଲ୍ୟାଣର ଏକ ନୂଆ ବିଶ୍ୱାସ ଦେଶ ସାମ୍ନାରେ ଅଛି। ୨୦୧୭ରେ ଉତରପ୍ରଦେଶରେ ସ୍ଥିତି ଚିନ୍ତାଜନକ ଥିଲାବେଳେ ସେତେବେଳେ ବିଜେପିର ପ୍ରମୁଖ ପ୍ରସଙ୍ଗ ଥିଲା ୟୁପିକୁ ଗୁଣ୍ଡାରାଜ ଓ ଭ୍ରଷ୍ଟାଚାରରୁ ମୁକ୍ତ କରିବା। କିନ୍ତୁ ସରକାର ଗଠନ ପରେ ମୋଦି ଓ ଯୋଗୀ ଆଦିତ୍ୟନାଥ ସରକାର ଗତ ୫ ବର୍ଷରେ ୟୁପିବାସୀଙ୍କୁ ଗୁଣ୍ଡାରାଜ ଓ ଦଙ୍ଗା ମୁକ୍ତ ଶାସନ ଦେଇଛନ୍ତି। ୟୁପିରେ ଘରେ ଘରେ ନଳ ଯୋଗେ ପାଣି ପହଁଚିଛି। ସୌଭାଗ୍ୟ ଯୋଜନାରେ ବିଜୁଳି ଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ରନ୍ଧନ ଗ୍ୟାସ ପହଁଚିଛି। ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟ ସେବା ସୁବିଧା ଦିଆଯାଇଛି। କୋଭିଡ୍ ସମୟରେ ଗରିବ କଲ୍ୟାଣ ଯୋଜନାରେ ମାଗଣା ଖାଦ୍ୟାନ୍ନ ଉପଲବ୍ଧ କରାଯାଇଛି। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଶାସନରେ ୟୁପିରେ ନୂଆ ମେଡ଼ିକାଲ କଲେଜ, ବିଶ୍ୱବିଦ୍ୟାଳୟ ଖୋଲୁଥିବା ବେଳେ ପୂର୍ବାଂଚଳ ଏକ୍ସପ୍ରେସ ଭଳି ସଡ଼କ ପଥ ଓ ବୃହତ ଏୟାରପୋର୍ଟର ନିର୍ମାଣ ହେଉଛି। ଏଥିପାଇଁ ୟୁପିରେ ନୂଆ ଉତ୍ସାହ ଓ ଆଶା ଦେଖାଯାଇଛି। ଏଠାରେ ବିଜେପି କଲ୍ୟାଣକାରୀ, ସର୍ବସ୍ପର୍ଶୀ, ସମ୍ବେଦନଶୀଳ ସରକାର ଭାବେ ଉଭା ହୋଇଛି ।୨୦୧୭ ନିର୍ବାଚନରେ ୟୁପିବାସୀ ବିଜେପିକୁ ଅଭୁତପୂର୍ବ ଆଶୀର୍ବାଦ କରିଥିଲେ। ୟୁପିର ସର୍ବସମାଜ ୩୦୦ରୁ ଅଧିକ ସିଟରେ ବିଜେପିକୁ ଆଶୀର୍ବାଦ କରିଥିଲେ। ଚଳିତ ନିର୍ବାଚନରେ ମଧ ଏହି ସମସ୍ତ ପ୍ରସଙ୍ଗକୁ ନେଇ ୟୁପିବାସୀ ପୂର୍ବ ଭଳି ବିଜେପିକୁ ୩୦୦ରୁ ଅଧିକ ସିଟ୍ ଦେଇ ଜିତାଇବେ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ଭୁବନେଶ୍ୱରର ଆଉ ୧୨ ଟି ସ୍ଥାନ କଂଟେନମେଂଟ ଜୋନ ଘୋଷଣା

ଭୁବନେଶ୍ୱର, ୧୫।୧(ପି.ଏନ): ରାଜଧାନୀରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କଂଟେନମେଂଟ ଜୋନ୍ ସଂଖ୍ୟା ମଧ୍ୟ ବଢୁଛି। ଭୁବନେଶ୍ୱରରେ ଦୈନିକ ସଂକ୍ରମଣ ହଜାରେ ଉପରେ ରହୁଛି। ଏକାଧିକ ଆକ୍ରାନ୍ତ ଚିହ୍ନଟ ହେଉଥିବା ଫ୍ଲାଟ୍ ବା ଅଂଚଳକୁ ବିଏମସି କଂଟେନମେଂଟ ଜୋନ୍ ଘୋଷଣା କରୁଛି। ଏହି କ୍ରମରେ ଶନିବାର ଦିନ ବିଏମସି ୧୨ଟି କଂଟେନମେଂଟ ଜୋନ ଘୋଷଣା କରିଛି ।ଭୁବନେଶ୍ୱର ସହିଦନଗର ଅଂଚଳର ୩୦ ନମ୍ବର ୱାର୍ଡର ପିଏନ୍-୬୨୧, ଝାରପଡ଼ା ଜେଲରୋଡସ୍ଥିତ ବାଲାଜୀ କମ୍ପ୍ଲେକ୍ସର ମହାଦେବ-୮୦୨, ଅଶୋକନଗର ୪୧ ୱାର୍ଡର ପ୍ଲଟ ନମ୍ବର ୭, ତୁଳସୀ ବିହାର ଗାର୍ଡେଜ ଛକ ପୁରୁଣା ଭୁବନେଶ୍ୱର ୫୮ ନମ୍ବର ୱାର୍ଡର ପ୍ଲଟ ନମ୍ବର ୧୦୦୬, ବିବେକାନନ୍ଦ ମାର୍ଗର ୬୦ ନମ୍ବର ୱାର୍ଡର ଦିବ୍ୟପ୍ରଭା ଆପାର୍ଟମେଂଟ ରାମକୃଷ୍ଣ ମିଶନକୁ କଂଟେନମେଂଟ ଜୋନ ଘୋଷଣା କରାଯାଇଛି । ସେହିପରି ବିଏମ୍ସିର ଉତର ଜୋନ୍ ରେ ଆଜି ୭ଟି କଂଟେନମେଂଟ ଜୋନ୍ ଘୋଷଣା ହୋଇଛି। ପଟିଆର କିଟ ଛକ ନିକଟ ଆପୋଲୋ ଭିଲାର ଏଫ୍ଏନ୍-୧୪, କାନନ ବିହାର ଫେଜ୍-୧ର ସିଏଚ୍ଜେ-୯୮, ଶିଶୁ ବିହାର ପିଏନ୍ ୩୭୩, ସୁଭଦ୍ରା ଆପାର୍ଟମେଂଟରର ଏ-୪୦୬, ପିଏନ୍ ୫୨୧/୨୪୪୮୮, ପଟିଆ ଫେଜ୍-୨ କାନନ ବିହାରର ପିଏନ୍ ୧୮୬ ଓ କଳାରାହଙ୍ଗ ୧୨ଏଲବି କୁ କଂଟେନମେଂଟ ଘୋଷଣା କରାଯାଇଛି।





# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେଲ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍‌ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## 'କଫି'ର ଚିତ୍ରକର ଅମିତା





ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ଶ୍ରୀଲଙ୍କାର ଶଙ୍କରୀ ଦେବୀ ଶକ୍ତିପୀଠ





ଶ୍ରୀଲଙ୍କାର ଶଙ୍କରୀ ଦେବୀ ମନ୍ଦିର ବା ଶକ୍ତିପୀଠ ହିନ୍ଦୁ ମାନଙ୍କର ବିଶେଷତଃ ତାମିଲ ଭାଷୀ ହିନ୍ଦୁ ମାନଙ୍କର ଆସ୍ଥା ଓ ବିଶ୍ୱାସର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଏହି ମନ୍ଦିର ଶ୍ରୀଲଙ୍କାର ରାଜଧାନୀ କୋଲମ୍ବ ଠାରୁ ୨୫୦ କିଲୋମିଟର ଦୂର ତ୍ରିକୋଣମାଳି ନାମକ ସ୍ଥାନରେ ଅବସ୍ଥିତ। ତ୍ରିକୋଣମାଳିକୁ ଆସୁଥିବା ଲୋକ ମାନେ ଏହି ସ୍ଥାନକୁ ଶାନ୍ତିର ସ୍ୱର୍ଗ ବୋଲି କହିଥାନ୍ତି। ଏହି ମନ୍ଦିର ତ୍ରିକୋଣମାଳି ଜିଲ୍ଲାର ଏକ ଲକ୍ଷ ହିନ୍ଦୁ ମାନଙ୍କର ଆସ୍ଥାର ମଧ୍ୟ କେନ୍ଦ୍ର ଅଟେ। ଚୈତ୍ର ଓ ଆଶ୍ୱିନ ଉଭୟ ନବରାତ୍ର ଉତ୍ସବ ସମୟରେ ଏଠାରେ ବିଭିନ୍ନ ପ୍ରକାରର ପୂଜା ଓ ଉତ୍ସବ ଧୂମଧାମ୍‌ରେ ପାଳନ କରାଯାଏ। ଏହି ପବିତ୍ର ଉତ୍ସବରେ ଶ୍ରୀଲଙ୍କା ବ୍ୟତୀତ ଭାରତ(ବିଶେଷତଃ ତାମିଲନାଡୁ)ଅଂଚଳରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ନବରାତ୍ର ଉତ୍ସବ ସମୟରେ ଏଠାକୁ ପ୍ରତିଦିନ ଆସୁଥିବା ଲୋକଙ୍କ ସଂଖ୍ୟା ୫ ଶହରୁ ଏକ ହଜାର ମଧ୍ୟରେ ରହିଥାଏ। କିନ୍ତୁ ମାତାଙ୍କର ଅଷ୍ଟମୀ ଓ ନବମୀ ଉତ୍ସବରେ ଭିଡ଼ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥାଏ।




ଏହି ଶକ୍ତିପୀଠ ସଂପର୍କରେ ଅନେକ ଚମକପ୍ରଦ କାହାଣୀ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ଭଗବାନ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ତେବେ କୌଣସି ପ୍ରକାର ଭଗବାନ ଶିବ ମାତା ସତୀଙ୍କୁ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷ ରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା) ଠାରେ ଏକ ଯଜ୍ଞର ଆୟୋଜନ କଲେ। ମାତ୍ର ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ



ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷରାଜ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ମାତା ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ମାତା ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି।



ତେବେ ଏହି ଶକ୍ତିପୀଠଗୁଡ଼ିକ ମଧ୍ୟରେ ମାତା ସତୀଙ୍କର ପେଟ ଓ ଜଙ୍ଘର ମଧ୍ୟ ଅଂଶ ଖଣ୍ଡ ଶ୍ରୀଲଙ୍କାର ତ୍ରିକୋଣମାଳି ଠାରେ ପଡ଼ିଥିଲା। ସେଥିପାଇଁ ଏହି ମନ୍ଦିରକୁ ଶକ୍ତିପୀଠର ମାନ୍ୟତା ମିଳିଛି। ମାତ୍ର କେତେକ ପୁରାଣ ଶାସ୍ତ୍ରରେ ଏଠାରେ ମାତାଙ୍କର ଗଳା ଓ ନୂପୁର ପଡ଼ିଥିବା ଉଲ୍ଲେଖ ରହିଛି। ଏହି ଶକ୍ତିପୀଠରେ ମାତା ଇନ୍ଦ୍ରାଣୀଙ୍କୁ ଶକ୍ତି ତଥା ରାକ୍ଷସେଶ୍ୱରଙ୍କୁ ଭୈରବ ରୂପରେ ପୂଜା କରାଯାଏ। ତେବେ ଶଙ୍କରୀ ଦେବୀ ମନ୍ଦିରକୁ ସ୍ୱୟଂ ରାବଣ ପ୍ରତିଷ୍ଠା କରିଥିବା କୁହାଯାଏ। ଏଠାରେ ଭଗବାନ ଶିବଙ୍କର ମନ୍ଦିର ମଧ୍ୟ ରହିଛି।, ଯାହାଙ୍କୁ ତ୍ରିକୋଣେଶ୍ୱର ବା କୋଣେଶ୍ୱରମ୍ ମଧ୍ୟ କୁହାଯାଏ। ଏଥିଯୋଗୁ ଏହି ସ୍ଥାନରେ ଭଗବାନ ଶିବ ଓ ଶକ୍ତିଙ୍କର ପୂଜା କରାଯାଏ।

ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସୃଷ୍ଟି ୧୮ଟି ମହାଶକ୍ତି ପୀଠ ମଧ୍ୟରେ ଏହା ଅନ୍ୟତମ।

ଇତିହାସରେ ମାତା ଶଙ୍କରୀ ଦେବୀ ମନ୍ଦିର ବା ଶକ୍ତିପୀଠ ଉପରେ ଅନେକ ଥର ଆକ୍ରମଣ ହୋଇଛି। ଯେଉଥିପାଇଁ ମନ୍ଦିରର ସ୍ୱରୂପ ବାରମ୍ବାର ବଦଳିଛି। କିନ୍ତୁ ଦେବୀଙ୍କ ମୂଳ ପ୍ରତିମା ପ୍ରତ୍ୟେକ ଥର ସୁରକ୍ଷିତ ଭାବେ ରଖା ଯାଇ ପାରିଛି। ଚୋଳ ଓ ପଲ୍ଲବ ରାଜା ମାନେ ଏହି ମନ୍ଦିରର ଉନ୍ନତି ପାଇଁ ବହୁତ କାର୍ଯ୍ୟ କରିଛନ୍ତି। କିନ୍ତୁ ୧୭ ଶତାବ୍ଦୀରେ ପର୍ତ୍ତୁଗାଲୀ ଆକ୍ରମଣକାରୀ ମାନେ ଏହି ଭବ୍ୟ ମନ୍ଦିରକୁ ଧ୍ୱଂସ କରି ଦେଇଥିଲେ। ଏପରିକି ମନ୍ଦିରର ଏକମାତ୍ର ସ୍ତମ୍ଭ ବ୍ୟତୀତ ଆଉ କିଛି ନଥିଲା। ସ୍ଥାନୀୟ ଲୋକ ମାନଙ୍କ କହିବା ଅନୁଯାୟୀ ଦକ୍ଷିଣ ଭାରତର ତାମିଲ ଚୋଲ ରାଜା କୁଲାକୋଟନ୍ ଏହି ମନ୍ଦିର ବା ଶକ୍ତିପୀଠର ଉଦ୍ଧାର କରିଥିଲେ। ତେବେ ୧୯୫୨ ମସିହାରେ ଶ୍ରୀଲଙ୍କାରେ ରହୁଥିବା ତାମିଲ ହିନ୍ଦୁ ମାନେ ବର୍ତ୍ତମାନର ଏହି ମନ୍ଦିରକୁ ନୂଆ ରୂପରେ ସ୍ଥାପିତ କରିଛନ୍ତି।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ୟୁଥ ସ୍ପୋର୍ଟସ ଆଥଲେଟିକ ଏବଂ ଖୋଖୋ ଏକାଡେମୀ ପକ୍ଷରୁ ସଫେଇ



କେନ୍ଦ୍ରାପଡ଼ା (ପିଏନ୍): ଇଂରାଜୀ ନବବର୍ଷ ଉପଲକ୍ଷେ କେନ୍ଦ୍ରାପଡା ୟୁଥ ସ୍ପୋର୍ଟସ ଆଥଲେଟିକ ଏବଂ ଖୋ ଖୋ ଏକାଡେମୀ ପକ୍ଷରୁ କେନ୍ଦ୍ରାପଡା ପୌରସଂସ୍ଥା କାର୍ଯ୍ୟାଳୟ ସମେତ ପୁରୁଣା ବସଷ୍ଟାଣ୍ଡ ପରିସରକୁ ସଫେଇ କରାଯାଇଛି। ସମାଜସେବୀ ସୟଦ ଇମତିଆଜ ଅଲ୍ଲୀ ଏହି ସଫେଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫେଇ କରିଥିଲେ। ଏହି ଅବସରରେ ସୟଦ ଅଲ୍ଲୀ ଉପସ୍ଥିତ କ୍ରୀଡାବୀତମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଆମେ ଚଳପ୍ରଚଳ କରୁଥିବା ଅଞ୍ଚଳକୁ ସଫାସୁତରା ରଖିଲେ ଆମେ ଏକ ସୁସ୍ଥ ପରିବେଶ ପାଇପାରିବା। ଏଥିସହିତ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଏକାଡେମୀର ମୁଖ୍ୟ କୋଚ ସେକ ସୌକତ ଖାନ, ସହକାରୀ କୋଚ ସେକ ଆବାସ, ଖୋ ଖୋ କୋଚ ବଦ୍ରିନାରାୟଣ ପତି, ସମାଜସେବୀ ପ୍ରଶାନ୍ତ କୁମାର ସିଂ, ସେକ ଆବୁ ଜଲାଲ, କ୍ୱାଜା ରମଜାନି, ମୋଜାହିଦ ଖାନ, ସୁହାନା ପରୱିନ, ମମତା ବେହେରା, ପୁନମ ସାହୁ, ସାହି ଅଭିଷେକ, ପରୱାନା ବେଗମ, ସେକ ନହରାଜ, ସେକ ନିୟାମତ, ସାହାଦତ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀପଲ୍ଲୀରେ ନୂଆବର୍ଷକୁ ସ୍ୱାଗତ




ଭୁବନେଶ୍ୱର (ପିଏନ୍): ବିଦାୟ ନେଇଛି ୨୦୨୧। ପୁରୁଣାବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରାଯାଇଛି। ଟ୍ୱିନ୍‌ସିଟିଠାରୁ ଅଳ୍ପ ଦୂରରେ ଥିବା ଆଦିବାସୀ ପଲ୍ଲୀ କନ୍ଦଲେଇ ଠାରେ ଇଂରାଜୀ ନବବର୍ଷକୁ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ଗ୍ରାମବାସୀଙ୍କ ସହ ଗ୍ରାମର ବିଦ୍ୟାର୍ଥୀମାନେ ପାରମ୍ପରିକ ନାଚ, ଗୀତ ସହ ବେଲୁନ୍ ଫୁଟାଇ ନୂଆବର୍ଷକୁ ପାଳନ କରିଥିଲେ। ମାଇଣ୍ଡ୍ ଏମ୍‌ପାୱାରମେଣ୍ଟ୍ ଫାଉଣ୍ଡେସନ୍ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱାଗତମ୍-୨୦୨୨ କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ମନୋଜ କୁମାର ପ୍ରଧାନ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତ, ସୁସ୍ମିତାରାଣୀ ରାଉତ ଏବଂ ବାଳକୃଷ୍ଣ ରାଉତ ପ୍ରମୁଖ ଯୋଗଦେଇ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ଏବଂ ସବୁଜିମାମୟ ହେଉ ବୋଲି ଯୋଗ ଦେଇଥିବା ଅତିଥିମାନେ ଆଶାପ୍ରକଟ କରିଥିଲେ।

## ସାନ୍ଧ୍ୟ ମହାବିଦ୍ୟାଳୟର ଜାତୀୟ ସେବା ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡା (ପିଏନ୍) : କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ଥାନୀୟ ଆଳିଜଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ୭ଦିନିଆ ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ପକ୍ଷରୁ ପୋଷ୍ୟଗ୍ରାମ ଆଳିଜଙ୍ଗାରେ ଶିବିରର ବାଳକ ବିଭାଗ ଏବଂ ଗରୁଆଳ ଗ୍ରାମରେ ବାଳିକା ବିଭାଗର ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସର ଏବଂ ଠାକୁରାଣୀ ମନ୍ଦିର ପରିସରକୁ ସଫେଇ କରିଥିଲେ। ପ୍ରତିଦିନ ଶିବିରାର୍ଥୀମାନେ ନିକଟସ୍ଥ ଗ୍ରାମ ଓ ବଜାର ଗୁଡିକୁ ଯାଇ ସ୍ୱଚ୍ଛ ଭାରତ, କରୋନା ମହାମାରୀ, ଟୀକାକରଣ, ମଦ୍ୟପାନର କରୁଣ ପରିଣତି, ଏଡସ ସଚେତନତା ଓ ମହିଳା ସଶକ୍ତିକରଣ ଉପରେ ଆଧାରିତ ପଥପ୍ରାନ୍ତ ନାଟକ ପରିବେଷଣ କରି ସ୍ଥାନୀୟ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗ୍ରାମର ଭଗବତୀ ଦେବୀଙ୍କ ମନ୍ଦିର ପରିସରରେ ମହାବିଦ୍ୟାଳୟର ଅଧକ୍ଷ ମଧୁସୁଦନ କାମିଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ କପାଳେଶ୍ୱର ସରପଞ୍ଚ ଗାୟତ୍ରୀ ମହାନ୍ତି ମୁଖ୍ୟ




ଅତିଥି,ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ମନୋଜ କୁମାର ଜେନା ମୁଖ୍ୟବକ୍ତା, ଶିକ୍ଷାବୀତ ମନୋରଞ୍ଜନ ତ୍ରିପାଠୀଯୋଗଗୁରୁ ସଞ୍ଜୟ ମଥାନ, ଅଧ୍ୟାପକ ପ୍ରକାଶ ରଞ୍ଜନ ଦାସ, ମେଜର ଭରତ ଚନ୍ଦ୍ର ଜେନା, ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଗୋପିନାଥ ତ୍ରିପାଠୀ, ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି, ସାମ୍ବାଦିକ ମାତୃଦତ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଦ୍ୱାରା ନିଜର ଚରିତ୍ର ଗଠନ ଓ ସୁନାଗରିକ ଭାବେ ସମାଜର ଦାୟୀତ୍ୱ ତୁଲାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ କଲେଜର ପୁରାତନ ଛାତ୍ର ଗୌତମ କୁମାର ସାହୁ, ଗୌରବ ଷଡଙ୍ଗୀ, ପ୍ରଭାକର ପ୍ରମୁଖ ଉପସ୍ଥିତ ଥିଲେ। ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କପାଳେଶ୍ୱର ପଞ୍ଚାୟତ ପକ୍ଷରୁ ବାଳିକା ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜାକାନ୍ତ ଦାସଙ୍କୁ 'ସେବା ସମ୍ମାନ' ଓ ବାଳକ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ 'ସେବା ଶିରୋମଣୀ' ସମ୍ମାନରେ ସମ୍ମାନିତ କରାଯାଇଛି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ବାଳିକା ବିଭାଗ ଅଧିକାରୀ ଅଧ୍ୟାପକ ଗିରିଜାକାନ୍ତ ଦାସ ପରିଚାଳନା କରିଥିଲେ ।

## ଜିନ୍ଦଲ କମ୍ପାନୀର ସ୍ୱାର୍ଥ ପାଇଁ ଢିଙ୍କିଆରେ ଲୋକଙ୍କ ଉପରେ ପୁଲିସର ନିର୍ମମ ଲାଠି ଚାଳନା ଓ ଦମନକୁ ତୀବ୍ର ନିନ୍ଦା

ଭୁବନେଶ୍ୱର (ପିଏନ୍): ସି.ପି.ଆଇ.(ଏମ୍) ତରଫରୁ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ କୁହାଯାଇଛି ଯେ, ଜିନ୍ଦଲ କମ୍ପାନୀର ସ୍ୱାର୍ଥ ପାଇଁ ଢିଙ୍କିଆରେ ନିରୀହ ଲୋକଙ୍କ ଉପରେ ପୋଲିସର ଅମାନୁଷିକ ଲାଠି ପ୍ରହାର ଓ ସେ ଅଞ୍ଚଳରେ ଆତଙ୍କ ସୃଷ୍ଟି ଅତ୍ୟନ୍ତ ନିନ୍ଦନୀୟ । ଏହି ଅଭାବନୀୟ ଘଟଣା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହିଁ ଉତ୍ତର ଦାୟୀ ବୋଲି ସି.ପି.ଆଇ.(ଏମ୍) କହିଛି । ରାଜ୍ୟବାସୀଙ୍କ ପାଖରେ ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ହେବ ବୋଲି ସି.ପି.ଆଇ.(ଏମ୍) ଦାବୀ କରିଛି ।

ଢିଙ୍କିଆରେ ପୁଲିସର ବର୍ବର ଲାଠି ଚାଳନାକୁ ସି.ପି.ଆଇ.(ଏମ୍) ଧିକ୍‌କାର କରିଛି । ରାଜ୍ୟ ସରକାରଙ୍କର ଏହି ଜନବିରୋଧୀ, ମାନବତା ବିରୋଧୀ ଏବଂ କର୍ପୋରେଟ୍ ପ୍ରୀତି ମନୋଭାବ ବିରୋଧରେ ରାଜ୍ୟବାସୀ ପ୍ରତିବାଦ କରିବା ପାଇଁ ସି.ପି.ଆଇ.(ଏମ୍) ଆହ୍ୱାନ କରିଛି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ନିର୍ଦ୍ଦେଶରେ ଲୋକଙ୍କ ଉପରେ ବର୍ବର ଆକ୍ରମଣ କରାଯାଇଛି । ରାଜ୍ୟ ସରକାର ମନେ ରଖିବା ଆବଶ୍ୟକ ଯେ ଲୋକେ ଭୋଟ ଦେଇ ସରକାରଙ୍କୁ ନିର୍ବାଚିତ କରିଛନ୍ତି । ଜିନ୍ଦଲ କମ୍ପାନୀ ସରକାରକୁ ଭୋଟ ଦେଇ ନିର୍ବାଚିତ କରିନାହିଁ । ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ସାଙ୍ଗକୁ ଲୋକଙ୍କ ଜୀବନ, ଜୀବିକା ଏବଂ ଭିଟାମାଟିକୁ ବିପନ୍ନ କରି ଜିନ୍ଦଲର କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କର ଏତେ ଜିଦ କାହିଁକି ବୋଲି ସି.ପି.ଆଇ.(ଏମ୍) ପ୍ରଶ୍ନ କରିଛି । ସରକାର ନିଜ ଜିଦ୍‌ରୁ ଓହରି ଜନସାଧାରଣଙ୍କ ସହ ଆଲୋଚନା କରି ପରିସ୍ଥିତିରେ ସୁଧାର ଆଣିବା ପାଇଁ ସି.ପି.ଆଇ.(ଏମ୍) ଦାବି ଉଠାଇଛି । ଏହି ପରିପ୍ରକ୍ଷୀରେ ସି.ପି.ଆଇ.(ଏମ୍) ତରଫରୁ ନିମ୍ନମତେ ଦାବୀ ଗୁଡିକୁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନା କରାଯାଇଛି ।

**ଦାବି ସମୂହ:** ୧- ପୁଲିସ୍‌ର ନିର୍ମମ ଲାଠି ଚାଳନାର ତଦନ୍ତ ଉଚ୍ଚନ୍ୟାୟାଳୟର ପ୍ରତ୍ୟକ୍ଷ ତତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍.ଆଇ.ଟି) ଦ୍ୱାରା କରାଯାଉ । ଏଭଳି ଜନ ବିରୋଧୀ କାର୍ଯ୍ୟରେ ଅଭିଯୁକ୍ତ ପୁଲିସ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରାଯାଉ । ୨- ଢିଙ୍କିଆ, ନୂଆଗାଁ, ଗଡ କୁଜଙ୍ଗ ଆଦି ଚାରିଦେଶରେ ଚାଲିଥିବା ପୁଲିସ ଅତ୍ୟାଚାର ବନ୍ଦ କରାଯାଉ ଏବଂ ସେଠାରୁ ପୋଲିସ୍ ବାହିନୀକୁ ହଟାଇ ନିଆଯାଉ । ୩ - ବଳ ପ୍ରୟୋଗ କରି ପାନ ବରଜ ଭାଙ୍ଗିବା କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ କର । ପୁଲିସ ଦ୍ୱାରା ଭଙ୍ଗା ଯାଇଥିବା ସମସ୍ତ ପାନବରଜର ଉପଯୁକ୍ତ କ୍ଷତିପୂରଣ ରାଶି ଦିଆଯାଉ । ୪- ଗିରଫ ହୋଇଥିବା ନେତା ଦେବେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ମହାନ୍ତି ଏବଂ ମୁରଲି ବେହେରାଙ୍କ ସମେତ ସମସ୍ତଙ୍କୁ ନିସର୍ତ୍ତ ଖଲାସ କରାଯାଉ । ପୁଲିସ ଲାଠି ଚାଳନା ଦ୍ୱାରା ଆହୂତ ସମସ୍ତ ପୁରୁଷ, ମହିଳା ଏବଂ ଶିଶୁମାନଙ୍କର ଉନ୍ନତ ତଥା ଆଧୁନିକ ଚିକିତ୍ସା କରାଯାଉ । ୫- ଜୀବନ-ଜୀବିକା ବିପନ୍ନକାରୀ, ଏବଂ ପରିବେଶ ଧ୍ୱଂସକାରୀ ଜିନ୍ଦଲ ପ୍ରକଳ୍ପକୁ ଢିଙ୍କିଆରେ କରିବା ପ୍ରସ୍ତାବ ପ୍ରତ୍ୟାହାର କରାଯାଉ । ସି.ପି.ଆଇ.(ଏମ୍) ରାଜ୍ୟ ଅଫିସ୍‌ରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାସ ଏବଂ ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### *କୋଭିଡ୍ ସଂକ୍ରମଣ ବୃଦ୍ଧି ବେଳେ ଓସିଏସ୍ ମେନ୍ ପରୀକ୍ଷା*

## ପିଲାଙ୍କ ଜୀବନ ଓ ଭବିଷ୍ୟତ ସହ ଖେଳୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର (ପିଏନ୍): ରାଜ୍ୟରେ କରୋନାର ସ୍ଥିତି ଏବେ ଉଦ୍‌ବେଗଜନକ ରହିଥିବା ବେଳେ ଓଡ଼ିଶା ଲୋକ ସେବା ଆୟୋଗଙ୍କ ପକ୍ଷରୁ ସିଭିଲ୍ ସର୍ଭିସ (ଓସିଏସ୍) ମେନ୍ ପରୀକ୍ଷା ଆୟୋଜନ କରାଯିବାକୁ ନେଇ ଦୃଢ଼ ବିରୋଧ କରିଛନ୍ତି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା। ମହାମାରୀର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାର ହଜାର ହଜାର ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଏଭଳି କରିବାରୁ ସରକାର କ୍ଷାନ୍ତ ହେବା ସହ ପିଲାଙ୍କ ପରୀକ୍ଷା ସ୍ଥଗିତ ରଖିବା ପାଇଁ ଶ୍ରୀ ଲେଙ୍କା ଦାବି କରିଛନ୍ତି। ଡ. ସ୍ମୃତି ରଂଜନ ଲେଙ୍କାଙ୍କ କହିବାନୁଯାୟୀ, ଜାନୁୟାରୀ ୨୦ ତାରିଖରୁ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ସିଭିଲ୍ ସର୍ଭିସ୍ (ଓସିଏସ୍) ମେନ୍ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହା ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଓପିଏସ୍‌ସି ପକ୍ଷରୁ ଆଡମିଟ୍ କାର୍ଡ଼ ମଧ ବଣ୍ଟାଯାଇସାରିଛି। କିନ୍ତୁ ଏଇ ଜାନୁୟାରୀରୁ କରୋନା ସଂକ୍ରମଣର ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଜାନୁୟାରୀ ଶେଷ ଏବଂ ଫେବୃୟାରୀ ବେଳକୁ ଏହା ପିକ୍‌ରେ ରହିବ। ଓସିଏସ୍ ପରୀକ୍ଷା ରାଜ୍ୟର ୫ଟି ସହରରେ ହେବାକୁ ଥିବାବେଳେ କୋଭିଡ୍ ପାଇଁ ସେଠାରେ ହଷ୍ଟେଲଗୁଡ଼ିକ ବନ୍ଦ ରହିଛି। ତେଣୁ ପିଲାମାନେ କେଉଁଠି ସୁରକ୍ଷିତ ଭାବେ ରହି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି ଡ. ସ୍ମୃତି ରନ ଲେଙ୍କା। ଦୂର ଦୂରାନ୍ତରୁ ପରୀକ୍ଷା ଦେବାକୁ ଆସୁଥିବା ପ୍ରାର୍ଥୀମାନେ ଏଥିରେ ନିଶ୍ଚୟ ଅସୁବିଧା ଭୋଗିବେ। ଅଫ୍‌ଲାଇନ୍ ପରୀକ୍ଷା ସମୟରେ ଯଦି କେହି ଛାତ୍ରଛାତ୍ରୀ କୋଭିଡ୍ ସଂକମ୍ରଣର ଶିକାର ହୁଅନ୍ତି, ତେବେ ସେମାନଙ୍କର ପରୀକ୍ଷାରେ ପ୍ରଦର୍ଶନ ମଧ ପ୍ରଭାବିତ ହେବାର ଆଶଙ୍କା ରହିଛି। ପିଲାମାନଙ୍କୁ ସୁସ୍ଥ ମାନସିକତା ଓ ସମ୍ପୂର୍ଣ୍ଣ ସୁରକ୍ଷା ଭିତରେ ପରୀକ୍ଷା ଦେବାର ସୁଯୋଗ ନଦେଇ ରାଜ୍ୟ ସରକାର ସେମାନଙ୍କର ଭବିଷ୍ୟତ ସହ ଖେଳୁଛନ୍ତି ବୋଲି କହିଛନ୍ତି ଶ୍ରୀ ଲେଙ୍କା। ତେଣୁ ହଜାର ହଜାର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ଭବିଷ୍ୟତର ନିରାପତ୍ତା ପାଇଁ ଓଡ଼ିଶା ଲୋକସେବା ଆୟୋଗ ଓସିଏସ୍ ମେନ୍ ପରୀକ୍ଷା ସ୍ଥଗିତ ରଖିବା ପାଇଁ ସେ ଦାବି କରିଛନ୍ତି।

## ଓଡ଼ିଆ ଭାଷା ଆନ୍ଦୋଳନ ଓ ସାମାଜିକ ସଂସ୍କାରର ପ୍ରବକ୍ତା ଥିଲେ ଫକୀରମୋହନ



ଖୋର୍ଦ୍ଧା (ପିଏନ୍): ସଂଘର୍ଷ ଓ ସଂଗ୍ରାମ ଭିତରେ ବ୍ୟାସକବି ଫକୀରମୋହନଙ୍କ ବ୍ୟକ୍ତିଗତ ଜୀବନ ବିତିଥିଲା। ସାମାଜିକ ଅବ୍ୟବସ୍ଥାଗୁଡ଼ିକୁ ସେ ନିଜ ଲେଖନୀରେ ସ୍ଥାନ ଦେଇଥିଲେ। ସେ ନଥିଲେ ଓଡ଼ିଆ ଭାଷା ନ ଥାନ୍ତା। ପବିତ୍ର ମକର ସଂକ୍ରାନ୍ତି ତଥା ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ଫକୀରମୋହନ ସେନାପତିଙ୍କ ଜନ୍ମ ଜୟନ୍ତୀ ଅବସରରେ ଏହିଭଳି ମତପ୍ରକାଶ ପାଇଛି। ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଯୋଗଦେଇ ଫକୀରମୋହନଙ୍କ ସମାଜ ସଂସ୍କାରକ ଭୂମିକା ସଂପର୍କରେ ବର୍ଣ୍ଣନା କରିଥିଲେ। କେବଳ ଗଳ୍ପ, ଉପନ୍ୟାସ ନୁହେଁ, ସେ ରାମାୟଣ, ମହାଭରତର ଅନୁବାଦ ମଧ୍ୟ କରିଥିଲେ। ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ତାଂକ ବକ୍ତବ୍ୟରେ ଓଡ଼ିଆ ପ୍ରେମୀ ବାଲେଶ୍ୱର ଜିଲାପାଳ ଜନ୍ ବିମସ ଓ ଓଡ଼ିଆ ବିରୋଧୀ କାନ୍ତିଲାଲ ଭଟ୍ଟାଚାର୍ଯ୍ୟଙ୍କ ଉଦାହରଣ ସହ ଫକୀରମୋହନଙ୍କ ଭାଷା ସୁରକ୍ଷା ଅଭିଯାନ ସଂପର୍କରେ ଆଲୋଚନା କରିଥିଲେ। ଗୋଧୂଳିର ସଂପାଦିକା ବିମଳା ସିଂହ ରେବତୀ, ଛ' ମାଣ ଆଠଗୁଣ୍ଠ, ଲଚ୍ଛମା, ପ୍ରାୟଶ୍ଚିତ ପୁସ୍ତକ ଓଡ଼ିଆ ଜନ ଜୀବନର କାଳଜୟୀ ସାହିତ୍ୟ ବୋଲି ମତ ଦେଇଥିଲେ। ପ୍ରାବନ୍ଧିକା ବିଳାସିନୀ ଦାଶ ଫକୀରମୋହନଙ୍କ ରାଣ୍ଡୀପୁଅ ଅନନ୍ତା ଉପରେ ଏକ ସନ୍ଦର୍ଭ ପାଠ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ତତ୍କାଳୀନ ସମୟର କୁସଂସ୍କାର, ଜମି ଜବରଦଖଲ, ନାରୀ ନିର୍ଯ୍ୟାତନା, ନିଶା ନିବାରଣକୁ ନେଇ ଫକୀରମୋହନ ଶାଣିତ କଟାକ୍ଷ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ଜ୍ୟୋତିପ୍ରଭା ପଟ୍ଟନାୟକ, ସମ୍ବାଦ ସାହିତ୍ୟ ଘରର ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାରଣା, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ନାରାୟଣ ଦାସ, କବି କୈଳାସ ଚନ୍ଦ୍ର ପୃଷ୍ଟି, ବିକ୍ରମ କେଶରୀ ଚମ୍ପତି ପ୍ରମୁଖ ଯୋଗଦେଇ ଫକୀରମୋହନଙ୍କ ସମ୍ବନ୍ଧୀୟ କବିତା ପାଠ ସହ ତାଂକ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଥଲେ ଯେ, ଉତ୍କଳ ଗୌରବ ମଧୁସୂଦନଙ୍କ ଭଳି ବ୍ୟାସକବି ଫକୀରମୋହନଙ୍କ ପୂର୍ବପୁରୁଷ ମଧ୍ୟ ବୀରମାଟି ଖୋର୍ଦ୍ଧା ଅଂଚଳରୁ ଯାଇଥିଲେ। ପାଇକ ସର୍ଦ୍ଦାର ହନୁମଲ୍ଲଙ୍କର ପଂଚମ ପିଢ଼ିର ସନ୍ତାନ ଫକୀରମୋହନ ଶୋଷଣ, କଷଣକୁ ନିଜ ସାହିତ୍ୟକୃତୀରେ ରୂପ ଦେଇ ସାମାଜିକ ସଂସ୍କାରରେ ପ୍ରୟାସୀ ଥିଲେ। ଖୋର୍ଦ୍ଧା ଅଂଚଳରୁ ଯାଇଥିବା ହେତୁ ତାଂକ ଲେଖନୀରେ ଶୁଦ୍ଧ ଓଡ଼ିଆ ସ୍ଥାନ ପାଇଥିଲା। ଶେଷରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସଂପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଏ ହୃଦୟ ତୁମ ପାଇଁ


ଡଃ. ଶଶୀ ଭୂଷଣ ମହାପାତ୍ର

ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ କେବଳ ଏକ ଅଧ୍ୟୟନର କ୍ଷେତ୍ର ନୁହେଁ, ଭବିଷ୍ୟତର ଜନନେତା ଗଢ଼ିବାର ଏକ ପ୍ରୟୋଗଶାଳା ମଧ୍ୟ । ଅନେକ ଛାତ୍ର ନେତା ଏହି ମହାବିଦ୍ୟାଳୟ ମାନଙ୍କରୁ ବାହାରି ଦେଶ ଓ ଜାତିର କର୍ଣ୍ଣଧାର ସାଜିଥାନ୍ତି । ସେଥିପାଇଁ ଏହି ସବୁ ଯାଗାମାନଙ୍କରେ ଛାତ୍ର ନିର୍ବାଚନ ହୋଇଥାଏ । ଏସବୁ ଗୋଟିଏ ଗୋଟିଏ କ୍ରିୟାଶୀଳ ପଦ୍ଧତି ଯେଉଁଥିରେ ଗଣତନ୍ତ୍ର ନିଜେ ଗତିଶୀଳ ହୁଏ ଏବଂ ଏହି ପ୍ରକ୍ରିୟାରେ ଯୋଗ୍ୟତମ ପାର୍ଥିଟିଏ ନିର୍ବାଚିତ ହୋଇଥାଏ । ଏବେ ଏବେ କଲେଜ ନିର୍ବାଚନ ତାରିଖ ଘୋଷଣା ହୋଇସାରିଥାଏ । ଏ ସଂକ୍ରାନ୍ତରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା ସବୁଠି ଚାଲିଥାଏ । କିଏ କେଉଁ ପାର୍ଥି ହେବ ତାହାର ମଧ୍ୟ ଆକଳନ ହେଉଥାଏ । ଅସଲରେ ଛାତ୍ର ଛାତ୍ରୀମାନେ ନିଜେ ନିଜର ନେତା ଖୋଜିବାରେ ଲାଗିପଡିଥାନ୍ତି । ଏକ ପ୍ରକାର ପ୍ରତିଯୋଗିତାର ମାହୋଲ କ୍ୟାମ୍ପସ ଭିତରେ ତିଆରି ହୋଇସାରିଛି । ନିଜ ନିଜର ପସନ୍ଦର ପାର୍ଥିଙ୍କୁ ନିର୍ବାଚିତ ହୋଇ ଦେଖିବାର ଉତ୍କଣ୍ଠା ସମସ୍ତଙ୍କଠି ବଢ଼ିଯାଇଥାଏ । ସେଥିପାଇଁ ସବିଶେଷ ଯୋଜନା ବିଭିନ୍ନ ସ୍ତରରେ କାର୍ଯ୍ୟକାରୀ କରିବାପାଇଁ ସମର୍ଥକମାନେ ତାଙ୍କର କାର୍ଯ୍ୟ ଆରମ୍ଭ କରିବାରେ ଲାଗିଥାନ୍ତି କେବଳ ନିର୍ଦ୍ଧାରିତ ସମୟକୁ ଅପେକ୍ଷା ରହିଥାଏ। କଲେଜ ନିର୍ବାଚନ ବିଗୁଲ ବାଜିଲା ନିର୍ବାଚନ ପ୍ରଚାରରେ କଲେଜ ଉଠିଲା ପଡିଲା ।ଏକରକମ ନିର୍ବାଚନ ଋତୁ ଭଳି ମନେହେଉଥାଏ। ପାର୍ଥିପତ୍ର ଦାଖଲ କରିସାରିଲାପରେ ବିଭିନ୍ନ ପାର୍ଥି ମାନେ କଲେଜର ବିଭିନ୍ନ ସମସ୍ୟାକୁ ସମାଧାନ କରିବାପାଇଁ ନିଜେ ଏକ ମାତ୍ର ଯୋଗ୍ୟତମ ପାର୍ଥି ବୋଲି ଛାତି ବାଡ଼ି ? ଇ ପ୍ରଚାର ଚଳାଇଲେ । ଦୁଲ ଦୁଲ ଦୁଲୁକୁଥାଏ ଛାତି, ଆଗକୁ ବଢୁଥାଏ ହାତ, ମନ ଯୋଡୁଥାଏ ମନ । ଏମିତି ଗୋଟେ ସ୍ୱପ୍ନ ଆଉ ସମ୍ଭାବନା ସମସ୍ତଙ୍କୁ ଅଥୟ କରୁଥାଏ । କିଏ ଜିତିବ କିଏ ହାରିବ ସେଥିପାଇଁ ଲାଗୁଥାଏ ବାଜି ।

ଏଥିପାଇଁ ପାର୍ଥୀମାନେ ସେମାଙ୍କର ଇସ୍ତାହାର ପ୍ରସ୍ତୁତକରି ଛାତ୍ର ଛାତ୍ରୀମାନଙ୍କୁ ବ୍ୟକ୍ତିଗତ ସ୍ତରରେ ବୁଝାଇବାରେ ଲାଗିପଡିଛନ୍ତି । ଏଥିରେ ସେମାଙ୍କର ସମର୍ଥକମାନେ ଭରପୁର ସହଯୋଗ ଦେଉଥାନ୍ତିଛ ଅବଶ୍ୟ ଏଥିପାଇଁ ପୂର୍ବତନ ପାର୍ଥୀମାନେ ଏବଂ ସ୍ଥଳବିଶେଷରେ ରାଜନୈତିକ ଦଳମାନେ ସେମାନଙ୍କର ବିଶେଷ ସହଯୋଗ ଦେଇଥାନ୍ତି । ପ୍ରଚାର ଏବେ ଆଉ କେବଳ କ୍ୟାମ୍ପସ ଭିତରେ ସୀମିତ ନରହି ସହର ବଜାରଠୁ ଆରମ୍ଭକରି ଘରକୁ ଘରକୁ ବ୍ୟାପିଲାଣି । ଶୋଭାଯାତ୍ରା ବି ଏଥିରୁ ବାଦ ପଡ଼ିନାହିଁ । ବିଡ଼ମ୍ବନା ଏହିକି ଯେ, ସପକ୍ଷରେ ଯେତିକି ପ୍ରଚାର ହେଉନାହିଁ ବରଂ ପାର୍ଥୀମାନଙ୍କ ବିରୋଧରେ ତାଠାରୁ ଅଧିକ ପ୍ରଚାର ହେଉଛି । କେବେ କେବେ କଲେଜ ରଣାଙ୍ଗନ ପାଲଟି ଯାଉଛି । କଲେଜ କର୍ତ୍ତୃପକ୍ଷ ବେଳେବେଳେ ନାଚାର । ଅବଶ୍ୟ ସରକାରଙ୍କ ମାର୍ଗ ଦର୍ଶିକା କିଛିମାତ୍ରାରେ ଏହାକୁ ନିୟନରଣ କରିବାରେ ସାହାଯ୍ୟ କରୁଛି । ନିର୍ବାଚନର ଠିକ ପୂର୍ବ ଦିନରେ ମୁଁ କାହିଁକି ଛିଡା ହୋଇଛି ସଭା ଆୟୋଜନ ଚାଲୁଥାଏ । ବିଭିନ୍ନ ପାର୍ଥୀମାନେ ନିଜ ନିଜ ସପକ୍ଷରେ ସେମାନଙ୍କର ଯୁକ୍ତି ଉପସ୍ଥାପନ କରୁଥାନ୍ତି । ଯେମିତି ଲାଗୁଥାଏ ଏ ନିର୍ବାଚନ ଏକ ମହାସମର ଏବଂ ସମସ୍ତ ପାର୍ଥି ଜଣେ ଜଣେ ମହାରଥୀ । ତୀରପରି ଛୁଟୁଥାଏ ଶବ୍ଦ । ମହାନାୟକ ହେବାର ପ୍ରୟାସରେ ଚାଲିଥାଏ ଶବ୍ଦର ପ୍ରହାର । ଜିନ୍ଦାବାଦ ଏବଂ କରତାଳିରେ ପ୍ରକମ୍ପିତ ହେଉଥାଏ ମହାବିଦ୍ୟାଳୟ ।

ସଭାପତି ତାଲିକାରେ ପାର୍ଥି ହୋଇଥିବା ଅନ୍ତିମ ପାର୍ଥି ଜଣଙ୍କ ଛିଡା ହେଲେ । ନିଜର ସମ୍ଭାଷଣ ଦେବାକୁ ଆରମ୍ଭ କରିକହିଲେ ,ମୋର ପ୍ରିୟ ଭଉଣୀ ଓ ଭାଇମାନେ, ପ୍ରାଣପ୍ରିୟ ବାନ୍ଧବୀ ଓ ବନ୍ଧୁଗଣ ଏବଂ ମୋର ସମ୍ମାନନୀୟ ଶିକ୍ଷକଗଣ, ମୁଁ ସୁବାସ ବୋଷଙ୍କ ଭଳି ତୁମକୁ ରକ୍ତ ମାଗୁନାହିଁ କାରଣ ତୁମମାନଙ୍କର ଆଉ ସ୍ୱାଧୀନତା ଲୋଡ଼ା ନାହିଁ (ଏକ ପ୍ରକାର ବଶମ୍ୱଦ ହୋଇ ସମସ୍ତେ ପ୍ରାୟ ରହିଛନ୍ତି) କିମ୍ବା ନେପୋଲିଅନଙ୍କ ଭଳି ଉତ୍ତମ ମା'ଟିଏ ଖୋଜୁନାହିଁ ଯେ ମୁଁ ତୁମକୁ ସର୍ବୋତ୍ତମ ଦେଶଟିଏ ଦେବାର ପ୍ରତିଶୃତି ଦେବି (ଯେଉଁଠି ସମସ୍ତେ ପରଦେଶୀ ହେବା ମନସ୍ଥ କଲେଣି )। ଅତଏବ ଏକ ପ୍ରଶ୍ନ ପଚାରିବାକୁ ଚାହୁଁଚି ଏବଂ ମଧ ପଚାରୁଛି , ପ୍ରିୟ ବନ୍ଧୁଗଣ ତୁମମାନଙ୍କର ହୃଦୟ ବୋଲି କିଛି ଅଛି ତ ?

– ସମସ୍ତେ ଏକ ସ୍ୱରରେ କହିଲେ ଅଛି ...ଅଛି ...ଅଛି ।ଆମ ସମସ୍ତଙ୍କର ଅଛି । ତୁମର ଅଛି କି ?

– ପାର୍ଥି ଉତ୍ତର ଦେଇ କହିଲେ ହଁ, ମୋର ବି ଗୋଟେ ସୁନ୍ଦର ହୃଦୟ ଅଛି । ତେବେ ମୋର ଏ ହୃଦୟ ତୁମର ହୃଦୟ ଚାହୁଁଚି । ତୁମେ ମୋତେ ହୃଦୟ ଦେଲେ ମୁଁ ତୁମକୁ ଭଲପାଇବା କ'ଣ ବତାଇଦେବି ।

– ଜଣେ ଛାତ୍ର ବନ୍ଧୁ ଛିଡା ହୋଇ ଉଚ୍ଚ ସ୍ୱରରେ କହିଲେ, ଆରେ ୟାର ତୁମେ ଆଜି ଆମକୁ କ'ଣ ନମାଗିଲ ମ! ଏ ଦିଲ ତୁମ୍ଭାରି ଲିୟେ। ଲଙ୍ଗେ, ମରଙ୍ଗେ ତୁମ୍ଭାରି ଲିୟେ ।

– ପାର୍ଥି କହିଲେ, ମେରେ ୟାରୋଂ, ମେରେ ଦୀଲଦାରୋଂ,ଏହି ହେ ପ୍ୟାର । ମୋର ଛାତି ଫାଟିଯିବ ପଛେ କିନ୍ତୁ ତୁମ ହୃଦୟ ଭାଙ୍ଗିବାକୁ ଦେବି ନାହିଁ । ସବୁବେଳେ ମୋର ଏ ହୃଦୟ ତୁମପାଇଁ ଧକ ଧକ କରୁଥିବ । ଆଜି ଠାରୁ ତୁମମାନଂକ ହୃଦୟରେ ମୁଁ ଆଉ ମୋ ହୃଦୟରେ ତୁମେମାନେ। ମୁଁ ଏବେଠୁ ତୁମମାନଙ୍କୁ ସାଇତି ରଖିଲି, ତୁମେମାନେ ତୁମ ହୃଦୟରେ ମୋତେ ରଖ।

ଏ ଯେମିତି ଗୋଟେ ରାମବାଣ ଥିଲା। ଏ ଶରରେ ସମସ୍ତେ ଘାଇଲା। କେଡ଼ ? ଗହନ କଥାଟିଏ ସତେ ! ସମସ୍ତଙ୍କ ମର୍ମକୁ ଭେଦୁଥିଲା। ସମସ୍ତେ ଅନୁଭବ କରୁଥିଲେ ଏବଂ ଏହାର ବ୍ୟାଖ୍ୟା ନିଜ ଅନୁସାରେ କରୁଥିଲେ । ମସ୍ତିଷ୍କର ବିଚାର ଠାରୁ ଆଜି ଯେମିତି ହୃଦୟର ପଲା ଭାରି ଜଣାପଡୁଥାଏ । ଯେଉଁଠାରେ ମସ୍ତକ ଏବଂ ହୃଦୟ ଭିତରେ ଦ୍ୱନ୍ଦ ହୋଇଥାଏ ସେଠି ହୃଦୟର କଥା ଶୁଣିବା ବେଶୀ ମନହୁଏ ।

ଅଧ୍ୟାପକମାନେ କଥା ହେଉଥିଲେ ଯାହାହେଉ ଜଣେ ତ କେହି ହୃଦୟର କଥା କହିପାରିଲା। ହୃଦୟର ସଉଦା କରିପାରିଲା । ହୃଦୟ ତ ଏମିତି ସମସ୍ତଙ୍କର ଅଛି କିନ୍ତୁ ହୃଦୟର କଥା କିଏ କହୁଛି ? କିଏ କହୁଛି ଏ ହୃଦୟ ତୁମପାଇଁ ଅଛି ?

ପ୍ରାଧ୍ୟାପକ,
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ଫୋନ -୭୯୭୮୦୩୬୯୮

# ଅଚିହ୍ନାରୁ ଚିହ୍ନା


ବାଉରିବନ୍ଧୁ ଲେଙ୍କା

ଅବିନାଶ ବାବୁ ରାଜଧାନୀ express ଟ୍ରେନ୍ ରେ ଦିଲ୍ଲୀରୁ ଭୁବନେଶ୍ୱର ଆସୁଥାନ୍ତି । ସଙ୍ଗରେ ତାଙ୍କର ପତ୍ନୀ ଶକୁନ୍ତଳା ବି ଥା'ନ୍ତି । ଉଭୟଙ୍କର ବୟସ ଷାଠିଏ ପରେ । ଏସି ସେକେଣ୍ଡ୍ କ୍ଲାସ୍ କୋଚ୍‌ରେ ଉଭୟ କିଛି ସମୟ ବସିବା ପରେ ,ଏଲିନା ତାଙ୍କ ପାଖ ସିଟରେ ଆସି ବସିଥିଲା । ବୟସ ୨୦ରୁ ୨୨ ବର୍ଷ ଭିତରେ ହେବ । ଦେଖିବାକୁ ବହୁତ ସୁନ୍ଦର । ଅନ୍ୟ ପାଖାପାଖି ସିଟ୍ ସବୁ ଖାଲି ପଡିଥାଏ । ଟ୍ରେନ୍ ଠିକ୍ ସମୟରେ ଷ୍ଟେସନ୍ ଛାଡିଦେଲା । ଏଲିନା ଦିଲ୍ଲୀ ୟୁନିଭରସିଟିରେ ଏମ୍‌ଏ କରୁଥିଲା । ହଷ୍ଟେଲ୍ ରେ ରୁହେ । ମାଆଙ୍କ ଦେହ ଖରାପ ଖବର ପାଇ ସେ ଭୁବନେଶ୍ୱର ଯାଉଛି । କିଛି ସମୟ ଅତିବାହିତ ହୋଇ ସାରିଥିଲା । ସନ୍ଧ୍ୟା ପ୍ରାୟ ଛଅଟା ବାଜିବାକୁ ଯାଉଥାଏ । ଆଉ କେହି ଯାତ୍ରୀ ନ ଉଠିବା ଦେଖି ଅବିନାଶ ବାବୁ ତାଙ୍କ ସିଟ୍ ରେ ଗୋଡ ଲମ୍ବେଇ ଫ୍ଲାଟ ହୋଇଗଲେ । ପତ୍ନୀ ଶକୁନ୍ତଳା ଏତେ ସମୟ ଚୁପ୍ ହୋଇ ବସିବା ପରେ ଏଲିନାକୁ ପଚାରିଲେ,'

ଆରେ ମାଆ ତମେ କେଉଁଯାଏ ଯିବ ?' ଭୁବନେଶ୍ୱର ଯିବ ବୋଲି ଉତ୍ତର ଦେଇଥିଲା ଏଲିନା । କଥାବାର୍ତ୍ତା ମଧ୍ୟରେ ସେ ତା'ର ନାଆଁ, ଭୁବନେଶ୍ୱରରେ କେଉଁଠି ରୁହନ୍ତି , ଦିଲ୍ଲୀରେ କଣ କରେ, ଏ ସବୁ ବିଷୟରେ କହିଥିଲା। ଘରେ ମାଆଙ୍କ ଦେହ ଖରାପ ବିଷୟ ଜାଣି ଘରକୁ ଯାଉଛି ବୋଲି କହିଥିଲା । ମାଆର ଦେହ ଖରାପ କଥା ଶୁଣି ଶକୁନ୍ତଳା ଦୁଃଖ ପ୍ରକାଶ କରିଥିଲେ । ପ୍ରାୟ ସାଢେ ଆଠଟା ବେଳକୁ ରାତ୍ରି ଭୋଜନ ଆସି ଯାଇଥିଲା । ଭୋଜନକୁ ଥଣ୍ଡା ହେବାକୁ ନଦେଇ ନିଜ ନିଜର ଖାଦ୍ୟ ଖାଇବା ଆରମ୍ଭ କରିଥିଲେ । ଶକୁନ୍ତଳା ଓ ଏଲିନା କଥାବାର୍ତ୍ତା ହୋଇ ଖାଉ ଥା'ନ୍ତି । ତମେ ତ ଏ ଝିଅ ସହିତ ଆଗରୁ ପରିଚୟ ଥିଲା ପରି କଥା ହେଉଛ ବୋଲି କହିଲେ ଅବିନାଶବାବୁ । ସଙ୍ଗେ ସଙ୍ଗେ ଶକୁନ୍ତଳା କହିଥିଲେ ,' ଆରେ କଥାବାର୍ତ୍ତା ହେବା ପାଇଁ କଣ ଗୋଟେ ତିଥି ବାର ଧରାହେବ । ଆମେ ସ୍ତ୍ରୀଲୋକମାନେ ପୁରୁଷମାନଙ୍କ ପରି ନୁହନ୍ତି । ଅବିନାଶ ବାବୁ କହିଲେ ଠିକ୍ ଅଛି ଖାଇବା ସରିଲା ଏବେ ଶୋଇବା ବ୍ୟବସ୍ଥା କରିବା । ବେଡ୍-ସିଟ୍ ଓ କମ୍ବଳ ସଜାଡିଲା ବେଳକୁ ଅବିନାଶ ବାବୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ । ପତ୍ନୀ ଶକୁନ୍ତଳା ତାଙ୍କ ଭ୍ୟାନିଟିରୁ ଟାବ୍‌ଲେଟ୍ ବାହାର କରି ଦେଲେ । ସେ ଅସ୍ୱସ୍ତିକର ଅନୁଭବ କରୁଥାନ୍ତି । ଏଲିନା ମଧ ତାଙ୍କର ଛାତି ଓ ପିଠି ଘଷାଘଷି କରୁଥାନ୍ତି । କିଛି ସମୟ ପରେ ତାଙ୍କୁ ଭଲ ଲାଗିଲା ଆଉ ସେ ଶୋଇଗଲେ । ପରେ ପରେ ଶକୁନ୍ତଳା ଓ ଏଲିନା ମଧ୍ୟ ଶୋଇଯାଇଥିଲେ । ସକାଳେ ସମସ୍ତେ ଉଠି ନିଜ ନିଜର ନିତ୍ୟକର୍ମ ସାରିଲା ପରେ ଜଳଖିଆ ଖାଇଥିଲେ । ଜଳଖିଆ ଖାଇସାରିବା ପରେ ଏଲିନା ପଚାରିଥିଲା, ଅଙ୍କଲ୍ ଆପଣ କଣ ଦିଲ୍ଲୀ ବୁଲିବାକୁ ଯାଇଥିଲେ ? ଅବିନାଶବାବୁ କହିଲେ , ' ପୁଅ ପାଖକୁ ଯାଇଥିଲୁ । ପୁଅ ଦିଲ୍ଲୀରେ ଏକ ସଫ୍ଟୱେୟାର୍ କମ୍ପାନୀରେ ଇଂଜିନିୟର୍ ଅଛି । ପୁଅର ଗୋଟିଏ ବିବାହ ପ୍ରସ୍ତାବ ଆସିଛି । ଆମେ ଆଗ ଟ୍ରେନ୍ ରେ ଯାଉଛୁ । ପୁଅ ଦୁଇଦିନ ପରେ ଫ୍ଲାଇଟ୍ ରେ ଆସିବ । ଆମେ ସାଥିହୋଇ ଦେଖିବାକୁ ଯିବୁ । ସେ ଦେଖିସାରି ପଳେଇଯିବ । ଆମେ ଭୁବନେଶ୍ୱରରେ ନିଜ ଘରେ ରହିବୁ । ଏଲିନା ତାଙ୍କୁ ଶୁଭ କାମନା ଜଣାଇଥିଲା ।

କଥା ପ୍ରସଙ୍ଗରେ ଏଲିନା କହିଥିଲା ,' ଅଙ୍କଲ୍ ମୁଁ ଆପଣଙ୍କ ବିଷୟରେ ଭଲ ଭାବେ ଜାଣେ । ଆପଣଙ୍କ ଫେସ୍ ବୁକ୍ ଲକ୍ସରଭୟ କ୍ଷସତ୍ୱସ୍ପ ରେ ମୁଁ ଅଛି ଅବଶ୍ୟ ଏକ ଅନ୍ୟ ନାମରେ । ମୋ ପ୍ରୋଫାଇଲ୍ ରେ ଫଟୋ ନଥିବାରୁ ଆପଣ ମତେ ଜାଣିପାରିଲେ ନାହିଁ । ମୁଁ ଆପଣଙ୍କ କବିତାର ଏକ ଶବ୍ଦରବସ୍ପ ଲବଭ. ରଙ୍ଗରକ୍ୱଛୟବଛ ୟବଛ ଝକ୍କକ୍ୱଭସଭଶ ରେ ମୁଁ ଆପଣଙ୍କ କବିତା ପଢିବାକୁ ଅପେକ୍ଷା କରିଥାଏ ଓ କ୍ଷସଳର ଦେଇଥାଏ । ଆପଣଙ୍କୁ ମୋ ସିଟ୍ ପାଖରେ ଦେଖି ମୁଁ ଖୁସି ହୋଇଗଲି ଓ ନଜକୁ ନିରାପଦ ବୋଲି ଭାବିଥିଲି । ଅବିନାଶ ବାବୁ ଏ ସବୁ କଥା ଶୁଣି ବହୁତ ଖୁସି ହୋଇ ଯାଇଥିଲେ ।

ପ୍ରକୃତରେ ଯେତେ ଅଜଣା ହେଲେ ବି ଚିହ୍ନା ହେବାକୁ ଚାହିଁଲେ କେତେ ବା ସମୟ ଲାଗିବ ?

କିଛି ସମୟ ପରେ ଟ୍ରେନ୍ ଭୁବନେଶ୍ୱରରେ ପହଞ୍ଚିଥିଲା । ପରସ୍ପର ଠାରୁ ବିଦାୟ ନେଇ ନିଜ ନିଜ ଘରକୁ ଚାଲିଯାଇଥିଲେ ।

ରବିବାର ଦିନ ଅବିନାଶ ବାବୁ ପତ୍ନୀ ଓ ପୁଅ ସହିତ ଝିଅ ଦେଖିବାକୁ ଯାଇଥିଲେ । ସେଠାରେ ଜଳଖିଆ ଖାଇସାରିବା ପରେ ଝିଅ ଆସି ସମସ୍ତଙ୍କୁ ନମସ୍କାର କରିଥିଲା । ଶକୁନ୍ତଳା ଝିଅକୁ ଦେଖି ହଠାତ୍ କହିପକେଇଥିଲେ , ' ଆରେ ଏଲିନା ତୁ ଏଠି । ଏଲିନା ମଧ ଆଶ୍ଚର୍ଯ୍ୟ ହୋଇଯାଇଥିଲା ।

ଏଲିନା ବିଭାଘର ସମ୍ବନ୍ଧରେ କିଛି ଜାଣିନାହିଁ ବୋଲି ଅବିନାଶ ବାବୁ ଜାଣିବାକୁ ପାଇଥିଲେ । ସେ ଆଉ ଡେରି ନକରି କହିଥିଲେ ,' ଆମେ ଏ ପ୍ରସ୍ତାବରେ ସମ୍ପୂର୍ଣ୍ଣ ରାଜି ଆଉ ବାହାଘର ଶୀଘ୍ର ହେବ । ଏଲିନାର ପାଠ ପଢାରେ କିଛି ବି ବ୍ୟାଘାତ ଘଟିବ ନାହିଁ । ବିଭାଘର ପରେ ସେ ଦିଲ୍ଲୀରେ ତାର ଗଲ୍ଲଇ ମକ୍କଙ୍କକ୍ସ୍ୱର ମକ୍କଙ୍କକ୍ରକ୍ଷରସ୍ୱର କରିବ । ଏଲିନା ମୁହଁରେ ସ୍ମିତହସ ଆସିଯାଇଥିଲା । କାହାକୁ ଅଚିହ୍ନା ବୋଲି କହିବା । ଅଚିହ୍ନାରୁ ଚିହ୍ନା ହେବାକୁ କେତେ ସମୟ ଆବଶ୍ୟକ ?

ଦ ପର୍ଲ ରେସିଡେନ୍ସି
ଦୁର୍ଗାମାଧବ ନଗର, ଭୁବନେଶ୍ୱର
୯୮୫୩୫୩୫୮୪୪

## ବାପାଙ୍କ-ହୃଦୟ

ସସ୍ମିତା ଚୌଧୁରୀ



ମୋ' ଲୁହରେ ଯା'କୁ
କାନ୍ଦିବା ଦେଖିନି,
ନିଜ ଲହୁ ଢାଳି
ଦେଖିବା ଚାହାନ୍ତି
ମୋ' ଓଠ ଧାରେ
ଚେନାଏ ହସର ରେଖା...
ସିଏ ପରା ମୋ' ବାପା।

ଦୁନିଆଁ ସାଥିରେ
ଏକା ଲଢିବାର
କଳାରେ ନିପୁଣ,
ସଚ୍ଚୋଟ ପଣର
ଡିମିରି ଫୁଲ ଯେ
ଦୁନିଆଁକୁ ଅଣଦେଖା,
ସିଏ ପରା ମୋ' ବାପା।

ମୋ' ମଥାପରେ
ଛତା ଅବା ଛାତ
ବନି ନାହାନ୍ତି ଯେ
ଛାଇ ଯାଇଛନ୍ତି
ନିଦାଘରେ ହୋଇ
ଆକାଶଟେ ମେଘ ମଖା,
ସିଏ ପରା ମୋ' ବାପା।

ଅନ୍ଧାରେ ଯିଏ ମୋ'
ହାତ ଧରନ୍ତିନି,
ଦୀପ ତଳର ସେ
ଅନ୍ଧାର ବନି
ଜଳୁଥାନ୍ତି ନିଜେ
ହୋଇ ଏକ ଦୀପ ଶିଖା,
ସିଏ ପରା ମୋ' ବାପା।

ରାସ୍ତା ଦେଖାଇ-
ନାହାନ୍ତି କଦାପି,
ନିଜ ଆଦର୍ଶରେ
ବନି ଯାଇଛନ୍ତି-
ମୋ' ଆଗାମୀର
କଣ୍ଟକଶୂନ୍ୟ ରାସ୍ତା,
ସିଏ ପରା ମୋ' ବାପା।

ଅଜାଡି ଦିଅନ୍ତି
ନିଜ ଭାଗ ସୁଖ,
ମୋ' ଜୀବନର
ରିକ୍ତ ଥାଳରେ
ମାଗିବା ଆଗରୁ
ଛୋଟ ଖୁସିଟିଏ ଭିକ୍ଷା,
ସିଏ ପରା ମୋ' ବାପା।

ଦୁନିଆରେ କେଉଁ
ଦେବତା ଦେଖିନି,
ପାଇନି କାହାଠୁ
ଦୃଢତା ଅଥବା
ମୋ' ବାପାଙ୍କ ଭଳି
ଆତ୍ମିକ ଜ୍ଞାନ ଶିକ୍ଷା,
ସିଏ ପରା ମୋ' ବାପା।

ଭୁବନେଶ୍ୱର
ମୋ-୭୯୭୮୩୮୦୩୨୧

## କେହିଜଣେ ମନେ ପଡ଼ ?

ବିପ୍ଳବ



ଦୁଇ ଟୋପା ଲୁହ ତୋ ଦୁଇ ଆଖିରୁ
ଯାଉଥାଏ ଯେବେ ବହି
ଲୁହ ଦରିଆରେ ମୁଁ ଯେ ଭାସିଯାଏ
ଥଳକୂଳ ପାଏ ନାହିଁ ।
ତୋ ଆଖି ଲୁହକୁ ପୋଛି ପୋଛି
ଆଜି
ଲୁହକୁ ନିଜର କଲି
ସୁଖ ସପନକୁ ଉଝେଇ ଦେଇ ମୁଁ
ଲୁହର ମଣିଷ ହେଲି କ୍ଷ
ଲୁହ ଟୋପାଟିଏ ଯେତେ ଯେ ଓଜନ
ହୃଦୟ ଏ କଥା ଜାଣେ
ତୁ ' କି ବୁଝିବୁ ନିଛାଟିଆ ରାତି
ମଶାଣୀକୁ କିଆଁ ଟାଣେ ?
ଦରଦୀ ଜହ୍ନର ନରମ ଜୋଛନା
ଉତାରେ ପ୍ରେମରୁ ଛାଲ
ଜହ୍ନରାତି ମୋତେ ଜହର ଯାଚୁଛି
ଦେବାକୁ ପ୍ରେମର ମୂଲ ।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ଭୋକର ଭୂଗୋଳ

ଡୁଇଟ୍ ଡେଭିଡ ଫିଲିପ



ଭୋକର ଭୂଗୋଳ
ସେଜୁଗେ ମିଠା, ଏଜୁଗେ ଥଟ୍ଟା

ପେଟକୁ ଟାକୁଆ
ଦାଦନ, ନହେଲେ ହଳୀଆ
ମହାଜନ ଘରେ ଆଣ୍ଠେଇ ଖିଆ
ତୁରାଣୀ ହେଉ କି ଭାତ ମାଣ୍ଡିଆ,
ଛୁଆ, ଅଜା, ଆଇ, ସ୍ତ୍ରୀ, ସବେ କୁହା
କହି ଅଛିକି ଦାନା ?

କହୁଛି......
ସ୍ତ୍ରୀ କଥା ତ ଛାଡ଼,
' ପିଲାଙ୍କୁ କହି ଦେବି ଯାହାବି
ବାହାନା '
ଏଥିଲା ଭୋକର ଭୂଗୋଳର ଜମାନା

ଲୁଣ ରେ କଞ୍ଚା ଲଙ୍କା,
ପାଉଁଷରେ ଶୁଖୁଆ,
ବିଲାତି ଟେ କୁଟିଲେ,
ମନେ ପଡେନି, ପର୍ବ ସମୟର
ଛୁଙ୍କକ୍ଷ

କୁକୁଡ଼ା ଟେ କଷ୍ଟେ ରଖେ
ଭାବି ଛତର ଦେବତାର ମାଙ୍ଗ,
ମହାଜନର ଆଖି ପଡ଼ିଲେ,
ତାକୁ ଦିଏ ହସି ହସି ବଳିଦାନ୍

ପୌଷ ପୂନୀ ରେ ବଢଇ ଆସା
ସବୁ ବର୍ଷ ? ଆଣି ଆସେ ସମାନ
ନିରାଶା

ମହାଜନ୍ ଯଦିଓ ଅଲଗା,
ତାଙ୍କର ଭାଷା ସବୁତ ଏକା

ଆରିସା ପିଠା, ଜିଲାବି, ବରା
ସମସ୍ତଙ୍କ ପାଇଁ ହାଟରେ ମିଳୁ ଥିଲା

ମୁହଁରେ ବାସ୍ନା, ଦେଶି କସନା,
ଉଧାରିରେ ଆଣିଛି,
କହେ ସ୍ୱାମୀ 'ମନା କରନା'

ଭୋକର ଭୂଗୋଳ ସେଜୁଗରେ ମୀଠା
ଏଯୁଗେ,ଭାବିଲେ ଭାଗ୍ୟକୁ ଥଟ୍ଟା

ସବୁ ତାଙ୍କ ପିଲା ଗଲେ ରଙ୍ଗିନ ସ୍କୁଲ୍
ଆମ ବିଦ୍ୟାଳୟ, ଅଙ୍ଗନୱାଡ଼ି ଅଣ୍ଡା,
ଭାତ ପାଇ ପିଲା ମୂଲ ମୂଲ୍,

ନାହିଁ ଭାଗ୍ୟରେ ସ୍ମାର୍ଟ ସ୍କୁଲ୍,
ସରକାର କହୁଛନ୍ତି ପିଲାଙ୍କୁ ପରୀକ୍ଷା
ଅଟେ ଭୂଲ

ଆନୁଷ୍ଠାନିକ ପ୍ରସବ, ତାଉପରେ
ପେନ୍ ସନ
ଛୁଆ, ମା, ଆମେ, ଘର ଛାଡ଼ି,
ନଛାଡ଼ି ଟେନ୍ ସନ

ଚାଉଳ ଫ୍ରି, ଡାଲି ଦେବ କହୁଛି ଫ୍ରି
୬୦ କୁ ଭତ୍ତା
ବିଧବା ଭତ୍ତା
ବିକଳାଙ୍ଗ ଭତ୍ତା,
ସେହି ମହାଜନ ହାତରେ ପତ୍ତା,
ଆଜିର ନେତା

ଏବେ ଆସିନି ବେକାରି ଭତ୍ତା
୧୧୦ ପେଟ୍ରୋଲ ହେଲେ ୨୦୦
ସୋରିଷ

ଜେଶିବି ଓ ଟ୍ରାକ୍ଟର ତ ଅଛି ଗାଆଁରେ
ଲେବର୍ ର ନାହିଁ ପତ୍ତା ପ୍ରଦେଶ
ଭିତରେ

ସରକାର କହୁଛି
ଭୋକର୍ ଭୂଗୋଳ ଆଉ ନାହିଁ
ଆମେ ବି କହୁଛୁ,
ଫୋନ୍ କଲେ କହୁଛି, ଆସିବୁ ନାହିଁ

ଭୋକ ଜାଇଛି ତାଙ୍କ ପ୍ରଦେଶ୍,
ତମେ କରୁଥାଅ ପଞ୍ଚାୟତ୍, ବ୍ଲକ୍ ଓ
ବିଧାନ ସଭାରେ ବିଲ ପାସ

ଭୋକର ଭୂଗୋଳ
ସେଜୁଗେ ମିଠା ଏଜୁଗେ ଥଟ୍ଟା

ଲେହିରୀ ଥାନା
କକ୍ଷଟକ୍ଷପାର
ବିହାରଶରିଫ,
ନାଳନ୍ଦା, ବିହାର ୮୦୩୧୦୧

## ମୁଁ ଦେଖିଛି .....

କୃଷ୍ଣା ମିଶ୍ର



ମୁଁ ଦେଖିଛି ଦୁନିଆ କୁ
ରଙ୍ଗ ବଦଳାଇବାର,
ବୟସର ସଙ୍ଗେ ସଙ୍ଗେ
ଢଙ୍ଗ ବଦଳାଇବାର....

ଯାହାଙ୍କ ଚାଲିରେ ଥିଲା
ସିଂହର ଠାଣି,
ମୁଁ ଦେଖିଛି,
ପାଦ ଉଠାଇବାକୁ ସାହାରା
ଖୋଜିବାର....

ଯେଉଁ ଚାହାଣି ର ଚମକରେ
ସଙ୍କୁଚିତ ହେଉଥିଲେ ଲୋକେ,
ମୁଁ ଦେଖିଛି ସେଇ ଦୃଷ୍ଟି ରେ,
ବର୍ଷା ଅଶ୍ରୁ ଧାରାର......

କେବେ ସେ ହାତ
ଇସାରା ରେ ପର୍ବତ ଶିଳା,
ଭାଙ୍ଗି ଚୁର୍ ମାର୍ ହେଉଥିଲା,
ମୁଁ ଦେଖିଛି ସେଇ ହାତକୁ,
ପତ୍ର ପରି ଥର୍ ଥର୍ କମ୍ପିବାର....

ଯେଉଁ କଣ୍ଠରେ ଥିଲା ବିଜୁଳି
ଘଡ଼ଘଡ଼ି ର ଗର୍ଜନ,
ମୁଁ ଦେଖିଛି ସେ ଓଠରେ
ତାଲା,
ଚୁପ୍ ରହିବାର....

ଏଇ ଯଉବନ, ଏ ଶକ୍ତି, ଦଉଲତ,
ସବୁ ପ୍ରକୃତି ର ଦାନ,
ମୁଁ ଦେଖିଛି, ଏ ସମସ୍ତ ଥିବା
ସତ୍ତ୍ୱେ,
ମନୁଷ୍ୟ କୁ ନିର୍ଜୀବ, ନିଥର
ହେବାର...
ବର୍ତ୍ତମାନକୁ ନେଇ ଅହଙ୍କାର କରନା
ମନୁଷ୍ୟ !
ମୁଁ ଦେଖିଛି ଅନେକ
ଶକ୍ତିଶାଳୀ ଙ୍କୁ,
ସମୟର ଚକ ତଳେ ପେଶି
ହୋଇଯିବାର

ଅଧ୍ୟାପିକା ଓ ପି ଜିନ୍ଦଲ ବିଦ୍ୟାଳୟ,
ରାୟଗଡ଼, ଛତିଶଗଡ
୯୩୦୧୦୧୨୩୩୩

## ନବବର୍ଷ

ନିବେଦିତା ମିଶ୍ରଗୁରୁ



ନୂଆ ଏକ କ୍ୟାଲେଣ୍ଡର ଛଡା
ନୂତନ ବର୍ଷରେ କଣ ଆଉ ବଦଳେ ଯେ
ଜୀବନ ତ ସେମିତି ଧନ୍ଦି ହେଉଥାଏ
ଦୁଃଖ ଆଉ ସୁଖଙ୍କର ଛକା ପଞ୍ଝା
ଖେଳରେ।
ଝର୍କା ସେପାଖ
ଚେନାଏ ଆକାଶରେ ମୋର
ଅତି ଆପଣାର କେଇ ଗୋଟି
ତାରା ପରି ତୁମେ ବି ଯେ ଅୟୁତ
ଆଲୋକବର୍ଷ ଦୂରରେ
କଣ ପୋଛି ନେଇ ପାରେ ନବବର୍ଷ
କେବେ ସେ ଦୂରତା।
ଭରି ଦେଇ ପାରେ କେବେ ନବବର୍ଷ
ଆଞ୍ଜୁଳିରେ କେଇ ଗୋଟି ନୂଆ ଶବ୍ଦ
ଯୋଡିବାକୁ ନୂଆ ଏକ ଧାଡି
ଜୀବନର ଅଧାଲେଖା କବିତା
ପୃଷ୍ଠାରେ ?
ନବବର୍ଷର ଶୀତୁଆ ଖରାରେ ସ୍କୁଲ
ଛୁଟିକୁ
ଉପଭୋଗ କରୁଥିବା ଶିଶୁଙ୍କ
କୋଳାହଳ ପରି ମୋ ଭିତରେ
ପ୍ରତିଧ୍ୱନୀତ ହେଉଥାଏ
ଅଜସ୍ର ନୀରବତାର କୋଳାହଳ
ସେ ପ୍ରତିଧ୍ୱନୀ ଫେରି ଯାଏ
ସମୁଦ୍ର ଲହରୀ ବେଳାଭୂମିକୁ ଛୁଇଁ
ପୁଣି ଫେରି ଗଲା ପରି।
ନବବର୍ଷ ଆସିଲା ବେଳକୁ
ପ୍ରତି ଥର ମୁଁ ମୁକୁଳେଇ ଦିଏ ନିଜକୁ
ଅଥଳ ସମୁଦ୍ର ମଝିରେ ନାଆଟିଏ ହେଇ
ନା, ଏଥର ଠୁ ଆଉ ଡ଼ରିବିନି
ଯେତେ ବି ଉତ୍ତାଳ ଲହରୀକୁ।
ନବବର୍ଷ ଆସେ ,ଦର୍ପର ହସ ହସେ
ସମ୍ଭ୍ରାନ୍ତୀୟ ନିଉ ୟିଅର ପାର୍ଟି ରେ
ନା ମୁଁ ତାକୁ ବେଖାତିର କରି ପାରେ
ନା ଆନନ୍ଦରେ ବଢ଼ାଇ ପାରେ
ସ୍ୱାଗତର ହାତ।
ସେଥିପାଇଁ ତ ମୁଁ ଝରିଯାଏ ନୀରବରେ
ସେ ଶୀତୁଆ ରାତିରେ
ଅସଂଖ୍ୟ କାକର ବିନ୍ଦୁ ହେଇ
ହଜି ଯିବା ପାଇଁ ନବ ବର୍ଷର
ପ୍ରଥମ ସୂର୍ଯ୍ୟ କିରଣରେ।

## ପାତାଳ

ହୀରକ ମିଶ୍ର



ସେମାନଙ୍କ ପିଠିରେ ନିଜନିଜ
ପୃଥିବୀର ବୋଝ।
ଜୀବନକୁ ଜାବୁଡିରଖିବା ପାଇଁ
ସକାଳହେବା ଆଗରୁ ବାହାରି ଯାଆନ୍ତି
ପାତାଳକୁ !
ଚାଲିଲାବେଳେ ,
ଠାଏଠାଏ ନିଁଆ କୁଦିବାକୁ ପଡେ !
ପାତାଳ ତ ଗୋଟେ ମୃତକଙ୍କ ସହର
ସେଠି ପବନ ବି ସ୍ଥିର !
ଜୀବନ ତ କେଇ ମାତ୍ର ଅସ୍ପଷ୍ଟ ଅକ୍ଷର!

କେବଳ ଅସ୍ଥି ଆଉ ଅସ୍ଥି !
ଖୁବ୍ ଅସୀମିତ ହାଡ଼ମାଳ
ଅତି ଶୂନ୍ ଶାନ କୋଳାହଳ !
ପଚାରନି , ପରଖିବା କଥା
ପାଇବା ଅପେକ୍ଷା ବେଶୀ ପାରନ୍ତ ବୁଝାପଡେ
ପାତାଳରେ ରାତି କଣ !
ଋତୁ କଣ ! ସବୁ ସମାନ
ସେ ତ କଥା କୁହେ ,
ପୋତିହୋଇଯାଇଥିବା ସଭ୍ୟତାର
ଘଟିଯାଇଥିବା ଯୁଦ୍ଧର ...
ବୈରାଗ୍ୟ ର ବୁକୁତଳେ ଲୁଚିଯାଇଥିବା ବୁଦ୍ଧତ୍ୱର ।

ଖୋଜୁଖୋଜୁ ହୁଏତ ମିଳିଯାଏ
ସିଂହ ର ପଞ୍ଝା ,
ମଣିଷର ଖପୁରି
ଶ୍ୱାନ , ଶୃଗାଳ ର ଅସ୍ତିତ୍ୱ ସବୁକିଛି ଏକାଠି
ମେଞ୍ଚାମେଞ୍ଚା ଏସବୁ ପଡିଥାଏ ପୋଡି ସାରି
ଦହନ ପର ଧୂଆଁ ଧରି ।

ବିତୃଷ୍ଣା ଅସହ୍ୟ ହେଲେ ମାଟି କଉଲେଉଟାଏ
ପୋତିହୋଇଯାଏ ଜୀବନ
ପାତାଳ ରୁ - ପୃଥିବୀ !
ଗୋଟାଏ ମନର ଦୂରତା ହିଁ ଜୀବନର ଗୁଞ୍ଜନ !

ପୃଥିବୀର ସବୁକୋଣରେ ସୂର୍ଯ୍ୟୋଦୟ ହୁଏ ।
ମାତ୍ର ହୁଏନି ଭାଗ୍ୟୋଦୟ ସବୁ କୁଣ୍ଡଳି ରେ ।
କଳାହୀରା ତଳାସୁଥିବା ମଣିଷର ପ୍ରତିକ୍ଷଣ ଅସ୍ଥିରତା ବଢୁଥାଏ
ଯେତେବେଳେ ସେ ଚିହ୍ନେ !
ଅନ୍ଧାରିଆ ଗୋହିରୀ ର ଗଦାଗଦା କୋଇଲା ଭିତରେ
ପଡିଥିବା ଧଳାଧଳା ହାଡ଼ଗୁଡିକ
ଅବଶିଷ୍ଟାଂଶ ! ଏଇ ମଣିଷ ଖପୁରି ର ।
ସେ ବି ବୁଝିଯାଏ !
ଶେଷରେ କିଭଳି ଅସ୍ଥିସାର ହୋଇ ଜୀବନ ହଜିଯାଏ
ପାତାଳରେ

ପୁରାଣ କହେ ' ପାତାଳ ହିଁ ନାଗଲୋକ !
ସେଇଠି ରୁହେ ଶେଷନାଗ !
ମୁଣ୍ଡେଇଚି ଆଜିଯାଏ ପୃଥିବୀ କୁ
ତୁମ କାନ୍ଧରେ କି ବୋଝ !
ସେ ତ କାନ୍ଧଇଚି ଯୁଗଯୁଗ କୁ
ମାଟି ଉପରେ ନିଅଣ୍ଟ ପଡିଲେ ଜୀବନ ,
ଖୋଜିଖୋଜି ମଣିଷ ଧାଇଁଆସେ ପାତାଳ କୁ !




## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ କଟକଣା ମଧ୍ୟରେ ଜିଲ୍ଲାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ପାଠ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା ଯୋଗଦେଇ ଏହି ଜାତୀୟ ଦିବସକୁ ଶୃଙ୍ଖଳାର ସହ କୋଭିଡ ନିୟମ ଅନୁସାରେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଆଲୋଚନା ପରେ ସ୍ଥିର କରାଯାଇଥିଲା ଯେ ସାଧାରଣତନ୍ତ୍ର ଦିବସ ଦିନ ପ୍ରତ୍ୟୁଷ ସାଢେ ୪ଟା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପୌରାଞ୍ଚଳରେ ରାମଧୂନ ପରିବେଷଣ କରାଯିବ। ସକାଳ ସାଢେ ୭ଟା ସୁଦ୍ଧା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ ଓ ନିଜସ୍ୱ ଗୃହମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ଅବତରଣ କରାଯିବ। ସକାଳ ସାଢେ ୮ଟା ସମୟରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ଅଭିଭାଷଣ ପ୍ରଦାନ କରାଯିବ। ଏହି ଜାତୀୟ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ବାହିନୀ ବ୍ୟାଣ୍ଡପାର୍ଟି ପକ୍ଷରୁ ରାଷ୍ଟ୍ରୀୟ ସଙ୍ଗୀତ ପରିବେଷଣ କରାଯିବ। ଉତ୍ସବ ପ୍ୟାରେଡରେ କେବଳ ଆରକ୍ଷୀ ବାହିନୀ ଉପସ୍ଥିତ ରହିବେ। ଆମନ୍ତ୍ରିତ ଅତିଥି ଭାବେ କେବଳ ସ୍ୱଳ୍ପ ସଂଖ୍ୟକ କୋଭିଡ ଯୋଦ୍ଧାଙ୍କୁ ସାମିଲ କରାଯିବ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଉପ ଆରକ୍ଷୀ ଅଧିକାରୀ (ଡି.ଆଇ.ବି.) ଲକ୍ଷ୍ମୀନାରାୟଣ ତିୱାରୀ, ରିଜର୍ଭ ଇନସପେକ୍ଟର ହେମନ୍ତ କୁମାର ଦାସ, ସହକାରୀ ଅଗ୍ନିନିର୍ବାପକ ଅଧିକାରୀ ଦିଲ୍ଲିପ କୁମାର ରାଉତ, ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ପୌରଯନ୍ତ୍ରୀ ଇଂ ଦିଲ୍ଲିପ କୁମାର ସେଠୀଙ୍କୁ କୋଭିଡ ଯୋଦ୍ଧା ତାଲିକା ଆସନ୍ତା ୧୫ତାରିଖ ସୁଦ୍ଧା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ଅଜିତ କୁମାର ସ୍ୱାଇଁ, ପୂର୍ତ୍ତ ଡିଭିଜନ ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ କନ୍ଦ ଜେନା, ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ ରମଣ କୁମାର ଦାଶ, ଅଗ୍ନି ନିର୍ବାପକ କେନ୍ଦ୍ରର ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପ୍ରଶାସନ ନିକଟରେ ପଞ୍ଚାୟତ ରେସନ୍ କାର୍ଡ଼ ହିତାଧିକାରୀଙ୍କ ଦାବି

ଖୋର୍ଦ୍ଧା (ପିଏନ୍)-ଧଉଳି ମୁହଁ ଗ୍ରାମପଞ୍ଚାୟତ ସମିତି ସଭ୍ୟା ପୁଷ୍ପାଞ୍ଜଳୀ ପାସିଂହଙ୍କ ନେତୃତ୍ୱରେ ପଞ୍ଚାୟତର ଶହ ଶହ ମହିଳା ଓ ହିତାଧିକାରୀମାନେ ଯୋଗାଣ ସହାୟକ ପଞ୍ଚାୟତରେ ଠିକ୍ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କୁ କାର୍ଯ୍ୟରୁ ଅନ୍ତର ନ କରିବା ପାଇ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ ଜଣାଇଛନ୍ତି । ପ୍ରକାଶ ଥାଉକି, ଯୋଗାଣ ସହାୟକ ଜଗତିଶ୍ୱର ସାହୁ କ୍ଷମତାର ସଠିକ୍ ଭାବରେ ବ୍ୟବହାର କରନ୍ତି, ସମସ୍ତଙ୍କୁ ସମ୍ମାନ ଦିଅନ୍ତି, ସରକାରୀ କାର୍ଯ୍ୟକୁ ସଠିକ୍ ଭାବରେ ତୁଲାନ୍ତି । ଗତ ମାସ ୩୦ ତାରିଖ ଦିନ ଶ୍ରୀ ସାହୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଖାଉଟି ହିତାଧିକାରୀଙ୍କୁ ୧୦୦୦ ଟଙ୍କା ବଣ୍ଟନ କରୁଥିବା ବେଳେ ଆମ ପଞ୍ଚାୟତର ପୂର୍ବତନ ସରପଞ୍ଚ କାଳୁ ବଳିୟାରସିଂହ ଓ ବର୍ତ୍ତମାନ ସରପଞ୍ଚର ପୁଅ ରକେଟ୍ ରାୟସିଂହ ରାଜନୈତିକ ଅଭିସନ୍ଧି ରଖି ସେ କହିବା ଅନୁସାରେ ଅନୈତିକ କାର୍ଯ୍ୟ କରିବାକୁ ଜୋର୍ ଜବରଦସ୍ତି କରିଥିଲେ । ଶ୍ରୀ ସାହୁ ରାଜି ନ ହେବାରୁ ତାଙ୍କୁ ଗାଳି ଗୁଲଜ କରି ମାଡ଼ ମାରିଥିଲେ ଓ ଗାଁରେ ରଖାଇ ନ ଦେବା ପାଇ ଧମକ ଦେଇଥିଲେ । ବ୍ଲକ ପ୍ରଶାସନକୁ ଭୁଲ ତଥ୍ୟ ଦେଇ ସମସ୍ୟାର ସଠିକ୍ ଭାବରେ ତଦନ୍ତ ନ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କୁ କାର୍ଯ୍ୟରୁ ଅନ୍ତର କରିଥିଲେ । ଏହାର ପ୍ରତିବାଦ ସ୍ୱରୂପ ସମସ୍ତ ରେସନ୍‌କାର୍ଡ଼ ହିତାଧିକାରୀମାନେ ତାଙ୍କୁ କାର୍ଯ୍ୟରୁ ଅନ୍ତର ପ୍ରତ୍ୟାହାର ଦାବି ପାଇ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ପାସିଂହ, ଭିକାରୀ ବେହେରା, ରବି ଭୋଇ, କମଲ ଲୋଚନ ମହାରଣା, ସୁଶାନ୍ତ ମହାରଣା, କାର୍ତ୍ତିକ ବେହେରା, ଅଶୋକ କାଣ୍ଡି, ତୃପ୍ତି କାଣ୍ଡି, ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## କୋଣାର୍କ ନାଟ୍ୟମଣ୍ଡପରେ ଅର୍କାଘ୍ୟ ଓ ଅଷ୍ଟମ ପ୍ରହର ନାମଯଜ୍ଞ



କୋଣାର୍କ (ପିଏନ୍)-ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ସମ୍ମୁଖରେ ଅନୁଷ୍ଠିତ ହୋଇଛି ଅଷ୍ଟମପ୍ରହର ନାମ ଯଜ୍ଞ ଓ ଅର୍କାଘ୍ୟ । ଗତ ୧୪ତାରିଖ ଗୁରୁବାର ଅଧିବାସ ଓ ୧୫ତାରିଖ ଶୁକ୍ରବାର ମକର ସଙ୍କ୍ରାନ୍ତି ଦିନ ନାମ ସଙ୍କୀର୍ତ୍ତନ ଓ ଅର୍କାଘ୍ୟ ଅନୁଷ୍ଠିତ ହୋଇଯାଇଥିବା ବେଳେ ୧୬ ତାରିଖ ଶନିବାର ସୂର୍ଯ୍ୟୋଦେବଙ୍କୁ ପ୍ରାତଃ ବନ୍ଦାପନା, ପୂଜାର୍ଚ୍ଚନା ଓ ଅପରାହ୍ଣରେ ଅଷ୍ଟମପ୍ରହର ନାମ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ମକର ସଙ୍କ୍ରାନ୍ତି ଦିନ ଓ ଅଷ୍ଟମପ୍ରହର ନାମ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ସେବନରେ ଆପାୟିତ କରାଯାଇଥିଲା । ସ୍ଥାନୀୟ ବାହାରଣା, ବନାଖଣ୍ଡୀ, ଅଚ୍ୟୁତପୁର ଓ ଅର୍କବିଭାର ସ୍ଥିତ ମଧୁବାବା ଆଶ୍ରମର ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ତିନି ଦିନ ଧରି ଅହରାତ୍ର 'ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ, ରାମ ରାମ ହରେ ହରେ, ମନ୍ତ୍ର ପାଠ ସହ ଭଜନ କୀର୍ତ୍ତନରେ ଶ୍ରଦ୍ଧାଳୁମାନେ ମଜିରହିଛନ୍ତି । ପବିତ୍ର ମକର ସଙ୍କ୍ରାନ୍ତି ଦିନ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱ ମହାଦେବ ଓ ସୂର୍ଯ୍ୟୋଦେବଙ୍କୁ ଅର୍କାଘ୍ୟ ଅର୍ପଣ କରାଯାଇଥିଲା । ତ୍ରୀଦିବସୀୟ ଏହି ଆଧାତ୍ମିକ ଓ ସାଂସ୍କୃତିକ ଉତ୍ସବରେ ସ୍ଥାନୀୟ ଅଞ୍ଚଳ ଓ ନାଟ୍ୟମଣ୍ଡପ ସହ ଜଡିତି ଥିବା ଶତାଧିକ ବ୍ୟକ୍ତିମାନେ ଯୋଗ ଦେଇ ଶ୍ରୀ ହରିଙ୍କ ନାମାମୃତ ପାନ କରିଥିଲେ । ଏହି ଅଧାତ୍ମିକ କାର୍ଯ୍ୟକ୍ରମକୁ ନାଟ୍ୟମଣ୍ଡପର ସମ୍ପାଦକ ଶିବାଶୀଷ ପ୍ରଧାନ, କାର୍ଯ୍ୟନିର୍ବାହୀ ସଭାପତୀ ଡ. ରମଣୀରଞ୍ଜନ ଜେନା, ଉପସଭାପତି ପ୍ରସନ୍ନ ବେଉରିଆ, ସହ ସମ୍ପାଦକ ଗୁରୁପଦ ବଳିଆର ସିଂହ, ସୁଲୋଚନା ପ୍ରଧାନ, ଗୋଟିପୁଅ ନୃତ୍ୟ ଗୁରୁ ଜୟକୃଷ୍ଣ ନାୟକ, ସଞ୍ଜୀବନୀ ପ୍ରଧାନ, କୁମାର ଟୁବୁଲା ଓ ଅନ୍ତେବାସୀ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରୀକୋରୁଆଁରେ ଇଣ୍ଡୋର ଷ୍ଟାଡ଼ିୟମର ଶିଳାନ୍ୟାସ



ଫୁଲନଖରା (ପିଏନ୍)-ସଦର ଥାନା ଅଧିନ ଶ୍ରୀକୋରୁଆଁଠାରେ ୮କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଇଣ୍ଡୋର ଷ୍ଟାଡ଼ିୟମର ଶିଳାନ୍ୟାସ ଉତ୍ସବ ସଦର ବିଧାୟକ ତଥା ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କଦ୍ୱାରା ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ନିଲୁ ମହାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ବେହେରା ଯୋଗଦେଇ ଷ୍ଟାଡ଼ିୟମ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସିଏମସିର ୩ଟି ୱାର୍ଡ଼ ସମେତ ସଦର ବ୍ଲକର ୩ଟି ପଞ୍ଚାୟତ ଓ ୪୨ମୌଜା ଅଞ୍ଚଳର କ୍ରୀଡ଼ାବିତମାନେ ଉପକୃତ ହେବେ ବୋଲି ଆଶା ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ଷ୍ଟାଡ଼ିୟମ ନିକଟସ୍ଥ ଖେଳପଡ଼ିଆର ମଧ୍ୟ ଉନ୍ନତି କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ସଂଜୟ ବରାଳ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନୁପକୁମାର ସାହୁ, ଜିଲାପରିଷଦ ସଭ୍ୟ ଜୀବନକୃଷ୍ଣ ସାମ'ରାୟ, ସଦର ବିଜେଡ଼ି ସଭାପତି ପ୍ରମୋଦ ମହାପାତ୍ର, ଯୁବନେତା ବିପ୍ରଚରଣ ଭୋଳ, ସାରଦାପ୍ରସାଦ ବେହେରା, ଅମ୍ବିକା ବେହେରା, ଜଗନ୍ନାଥପ୍ରସାଦ ବେହେରା, ୱାର୍ଡ଼ ସଭାପତି ରଂଜନ ପାଳ, ବାସୁଦେବ ବେହେରା, ଯାଜ୍ଞସେନ ପ୍ରଧାନ (କାଳିଆ), ଦୀପକରଂଜନ ସାହୁ, ଦେବାଶିଷ ବେହେରା, ଅଭିଷେକ ବେହେରା, ଦିଲୀପକୁମାର ସ୍ୱାଇଁ (ମଣ୍ଟୁ), ବିଜୟ ସେଠ, କୀର୍ତ୍ତି ପାତ୍ର, ଗୋପାଳକୃଷ୍ଣ ବେହେରା, ବାବୁରାମ ମହାଁ, ସନାତନ ସାମଲ, କରୁଣାକର ସାମଲ, ଭରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଅଞ୍ଚଳର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଆଚିଭର' ପକ୍ଷରୁ ଏଠାରେ ଏକ ଷ୍ଟାଡ଼ିୟମ ନିର୍ମାଣ ପାଇଁ ବିଧାୟକଙ୍କ ନିକଟରେ ଦାବି ହେଉଥିଲା।

## 'ଆହ୍ୱାନ' ପକ୍ଷରୁ ଜାତୀୟ ଯୁବ ଦିବସ ଓ ଫକିରମୋହନ ଜୟନ୍ତୀ ପାଳିତ

ଯାଜପୁର (ପିଏନ୍): ଅଗ୍ରଣୀ ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଗୋଖନା ଛକସ୍ଥିତ କାର୍ଯ୍ୟାଳୟରେ ସମାଜସେବୀ ହୃଷିକେଷ ପତିଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠିତ ହୋଇଯାଇଅଛି। ସଂଗଠନର ଉପ-ସଭାପତି ସମାଜ ସେବୀ ପାଣ୍ଡବ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ବିଶିଷ୍ଟ ଚକ୍ଷୁବିଶେଷଜ୍ଞ ତଥା ନାଟ୍ୟକାର ଡ. ରାଜକିଶୋର ପଣ୍ଡା ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଗୋଖନା ଛକ ଠାରୁ ଏନ୍‌ସି କଲେଜ ପର୍ଯ୍ୟନ୍ତ ଏକ ମସାଲ ଶୋଭାଯାତ୍ରା ଓ ଗରିବ ଓ ନିଷ୍ପେସିତ ଲୋକମାନଙ୍କୁ ଶୀତବସ୍ତ୍ର ଓ ପୋଷକ ବଣ୍ଟନ କରାଯାଇଥିଲା। ସମ୍ପାଦକ ବିଶ୍ୱଜିତ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତାଭାବେ ବିରଜାକ୍ଷେତ୍ର ବିରଜା ପରିଷଦର ସଭାପତି ତଥା ଦିନଚର୍ଯ୍ୟା ସମ୍ବାଦପତ୍ରର ସମ୍ପାଦକ ତପନ କୁମାର ମହାରଣ୍ୟ ଓ ସମ୍ମାନନୀୟ ଅତିଥିଭାବେ ଶିକ୍ଷାବିତ ଦିଲ୍ଲିପ କୁମାର ମହାପାତ୍ର ଯୋଗଦେଇ ସମଗ୍ର ବିଶ୍ୱବାସୀଙ୍କୁ ଚିକାଗୋ ଧର୍ମ ମହାସଭାରେ ଭାରତ ବର୍ଷର ମହାନତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ଅନୁଷ୍ଠାନର ଉପ-ସଭାପତି ସମାଜସେବୀ ପାଣ୍ଡବ ସାହୁଙ୍କ ଅଧ୍ୟକ୍ଷତାରେ ଆହ୍ୱାନ କାର୍ଯ୍ୟାଳୟ ଠାରେ ବ୍ୟାସ କବି ଫକିର ମୋହନ ସେନାପତୀଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି। ଶ୍ରୀ ସାହୁ ଫକିର ମୋହନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କିରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମାଜସେବୀ ହୃଷିକେଶ ପତି ଦିନଚର୍ଯ୍ୟର ସମ୍ପାଦକ ତପନ ମହାରଣ୍ୟ ଅତିଥିଭାବରେ ଯୋଗଦେଇ ଓଡ଼ିଶା ଭାଷା ଓ ଜାତିର ସଂକଟ ସମୟରେ କିପରି ତାଙ୍କର କାବ୍ୟ, କବିତା ଓ ଗଳ୍ପ ସଂକଳନ ତଥା ଛ-ମାଣ ଆଠଗୁଣ୍ଠ, ପ୍ରାୟଶ୍ଚିତ, ମାମୁଁ, ଲଛମା, ରେବତୀ, ଡାକ ମୁନିସ୍ ପଭୃତି ଉପନ୍ୟାସ ମାଧ୍ୟମରେ ତତ୍‌କାଳୀନ ଶାସନ ବ୍ୟବସ୍ଥା ଏବଂ ଜନଜୀବନର ନିଖୁଣ ପ୍ରତିଛବିକୁ ବ୍ୟାଙ୍ଗାତ୍ମକ ଶୈଳିରେ ଉପସ୍ଥାପନ କରି ସେହି ବିଷୟର ଅବତାରଣା କରିଥିଲେ। ଏଥିସହିତ ପୂର୍ବରୁ ହୋଇଥିବା ପ୍ରତିଯୋଗୀ କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସୁଭ୍ରଜିତ ସାହୁ, ସୌମ୍ୟଜିତ ସାହୁ, ରୀନା ରାଉତ, ମୀନା ସାହା, ଜ୍ୟୋତ୍ସ୍ନା ମହାପାତ୍ର, ନମିତା ମିଶ୍ର, ମଧୁସ୍ମିତା ନନ୍ଦ, ଜିତେନ୍ଦ୍ର ବେହେରା, ଆଦିତ୍ୟ ମିଶ୍ର, ବିଜୟିନୀ ପତି, ସୂର୍ଯ୍ୟମଣୀ ନାୟକ, ନନ୍ଦି ବାରିକ, ଅଚ୍ୟୁତାନନ୍ଦ ବାରିକ, ଦିଲ୍ଲିପ ନନ୍ଦ, ଜୟଦେବ ରାଉତ, ଜଗନ୍ନାଥ ମିଶ୍ର, ପ୍ରୀୟଙ୍କା ପ୍ରିୟଦର୍ଶନୀ, ପ୍ରଜ୍ଞାପରମିତା ରାଉତ, ଅର୍ପିତା ଧଳ, ତୁଷାର ରଂଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସମ୍ପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଅଗମ୍ୟ ଆଦିବାସୀ ପଲ୍ଲୀରେ ବନବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ



ଭୁବନେଶ୍ୱର (ପିଏନ୍): ସମ୍ପ୍ରତି ରାଜ୍ୟରେ ହାଡ଼ଭଙ୍ଗା ଜାଡ଼ ସାଙ୍ଗକୁ ଶୀତ ଲହରୀ ଜାରି ରହିଛି। ରାଜ୍ୟର ଉପକୂଳରୁ ଉପାନ୍ତ ଅଞ୍ଚଳ ମଧ୍ୟରେ ଏମିତି ଅନେକ ଅଗମ୍ୟ ଆଦିବାସୀ ଗାଆଁ ରହିଛି ଯେଉଁଠି ଅଭାବୀ ପରିବାର ହାଡ଼ଭଙ୍ଗା ଜାଡ଼ରୁ ମୁକୁଳିବା ପାଇଁ ଖଣ୍ଡିଏ ଚଦର ଅଥବା ସୁଇଟର ଖଣ୍ଡିଏ କିଣିବା ବଡ଼ କଷ୍ଟ। ଏଭଳି ଅଗମ୍ୟ ଆଦିବାସୀ ପଲ୍ଲୀରେ ପହଞ୍ଚି ସହଯୋଗର ହାତ ବଢାଇଛି ସାମାଜିକ ଅନୁଷ୍ଠାନ ରେଡ୍ ସ୍ୱସ୍ତିକ୍ ସୋସାଇଟି ଓଡ଼ିଶା ଶାଖା। ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଛତାବର ଗ୍ରାମପଞ୍ଚାୟତ ଅଧିନସ୍ଥ ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ମୋଟ ୫୦ଟି ବନବାସୀ ପରିବାରକୁ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବଣ୍ଟନ କାର୍ଯ୍ୟକ୍ରମରେ ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ଶ୍ରୀପତି ଆଚାର୍ଯ୍ୟ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ବାଳକୃଷ୍ଣ ରାଉତ, ପ୍ରଦୀପ୍ତ ରଞ୍ଜନ ରାଉତ, ବାଲୁକାଶିଳ୍ପୀ ସୁବଳ ମହାରଣା, ମନୋଜ ପ୍ରଧାନ, ଅଙ୍କିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବନବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସୋସାଇଟିର ଏହି ମହତ୍ ପଦକ୍ଷେପକୁ ବନବାସୀମାନେ ସାଧୁବାଦ ଜଣାଇବା ସହ ପ୍ରଶଂସା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ନାଟ୍ୟଗୁରୁ ଶରତ ଆଟୋଇଙ୍କୁ ନାଟ୍ୟାଚାର୍ଯ୍ୟ ଉପାଧି ପ୍ରଦାନ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟର ପ୍ରମୁଖ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଓଡିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ନାଟ୍ୟଗୁରୁ ତଥା ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଏବଂ ସୁପରିଚିତ ନାଟ୍ୟକାର ଶରତ ଚନ୍ଦ୍ର ଆଟୋଇଙ୍କୁ ତାଙ୍କର ସାମଗ୍ରିକ କୃତି ତଥା ସଫଳ ନାଟ୍ୟ ନିର୍ଦ୍ଦେଶନା ପାଇଁ "ନାଟ୍ୟାଚାର୍ଯ୍ୟ"ଉପାଧି ପ୍ରଦାନ କରାଯାଇଛି। ଓଡିଶା ପ୍ରତିଭା ପୂଜା ସଂସଦର ୨୧ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ଧନଞ୍ଜୟ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟ୍ୟଗୁରୁ ଶ୍ରୀ ଆଟୋଇଙ୍କୁ ମାନପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶ୍ରୀ ଆଟୋଇଙ୍କ ରାମାୟଣ ଉପରେ ପର୍ଯ୍ୟବେସିତ ଗୀତିନାଟ୍ୟ ପୁସ୍ତକ "ଅଧା ରହିଗଲା ଯଜ୍ଞ ଆହୁତି" ଲୋକାର୍ପିତ ହୋଇଥିଲା। 'ସମାଜ'ର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ସଂସଦର ସଭାପତି ଡଃ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଆଧାତ୍ମିକ ଗୁରୁ ସ୍ୱାମୀ ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିଥିବା ବେଳେ ଶକ୍ତି ସଚିବ ଶ୍ରୀ ସ୍ୱାଇଁ ମୁଖ୍ୟ ଅତିଥି ଓ ବରିଷ୍ଠ ସାମ୍ବାଦିକ ମୁରଲୀଧର ସାମଲ ମୁଖ୍ୟବକ୍ତା ଏବଂ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ସାହୁ, ବିଶିଷ୍ଟ ସାହିତ୍ୟିକ ଉମାଶଙ୍କର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ନାଟ୍ୟଗୁରୁ ଶ୍ରୀ ଆଟୋଇ ଏକାଧାରରେ ଜଣେ ସଫଳ ନାଟ୍ୟକାର, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ, ସୁଦକ୍ଷ ଅଭିନେତା, ସ୍ୱନାମଧନ୍ୟ ଗୀତିକାର, ସୁପରିଚିତ ସଂଗୀତକାର, ବିଶିଷ୍ଟ କଣ୍ଠଶିଳ୍ପୀ, ବରିଷ୍ଠ ତବଲାବାଦକ ଏବଂ ଜଣେ ବରେଣ୍ୟ ନାଟ୍ୟ ବିଚାରକ ଭାବେ ସାରା ରାଜ୍ୟରେ ବେଶ ପ୍ରତିଷ୍ଠିତ। କେନ୍ଦ୍ରାପଡା ଜିଲ୍ଲାର ସାନମାଣିତିଆ ଗ୍ରାମର ସ୍ୱର୍ଗତ ଶ୍ୟାମସୁନ୍ଦର ଆଟୋଇ ଏବଂ ସ୍ୱର୍ଗତା ରମା ସୁନ୍ଦରୀ ଆଟୋଇଙ୍କ ଏକମାତ୍ର ସନ୍ତାନ। ଏଯାବତ ଶ୍ରୀ ଆଟୋଇ ଶତାଧିକ ସାମାଜିକ, ପୌରାଣିକ ଓ କାଳ୍ପନିକ ନାଟକ, ଗୀତିନାଟ୍ୟ ଏବଂ ଆଧାତ୍ମିକ ଭଜନ ପୁସ୍ତକ ରଚନା କରିଛନ୍ତି। ତାଙ୍କର ଗୀତିନାଟ୍ୟ 'ଅଧା ରହିଗଲା ଯଜ୍ଞ ଆହୁତି' ପୁସ୍ତକଟିକୁ ପ୍ରଥମ କରି ରାଜ୍ୟର ଏକ ପ୍ରମୁଖ ସାହିତ୍ୟ, ସଂସ୍କୃତି ଓ ସମାଜମଙ୍ଗଳକାରୀ ସଂଗଠନ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନାଟରାର ବିଦ୍ୟୁତ ପ୍ରଭା ଦେବୀ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ପ୍ରଭାତ କୁମାର ଦାସଙ୍କ ଦ୍ୱାରା ପ୍ରକାଶିତ ହୋଇଛି। ନାଟ୍ୟକାର ଶ୍ରୀ ଆଟୋଇଙ୍କ ପୁସ୍ତକ ଉନ୍ମୋଚିତ ହେବା ଏବଂ ତାଙ୍କୁ ନାଟ୍ୟାଚାର୍ଯ୍ୟ ଉପାଧି ମିଳିବା ପରେ ସମଗ୍ର ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ଏଥିପାଇଁ ଶ୍ରୀ ଆଟୋଇଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଥିବା ଜଣାପଡିଛି।

## ଖଇରି ମା'ଙ୍କର ଦେହାନ୍ତ



ଭୁବନେଶ୍ୱର (ପିଏନ୍)-ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ପୂର୍ବତନ ତାଲିମ କମିଶନର (ଗାଇଡ୍) ତଥା ମୟୁରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟର ବିଶ୍ୱପ୍ରସିଦ୍ଧ ସେଇ "ଖଇରୀ ବାଘ"ର ମାଆ ନିହାର ନଳିନୀ ଦେବୀଙ୍କର କଟକରେ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲା। ଏହି ଦୁଃଖଦ ଘଟଣାରେ ସ୍କାଉଟସ୍ ଏବଂ ଗାଇଡସ୍ ପରିବାରର ସମସ୍ତେ ମର୍ମାହତ ହୋଇଛନ୍ତି। ସେ ଜଣେ କର୍ତ୍ତବ୍ୟନିଷ୍ଠ, କର୍ମଠ, ଛାତ୍ର ବତ୍ସଳ ଏବଂ ଜଣେ ଶିକ୍ଷୟିତ୍ରୀ ଭାବେ ସେ ଯେତିକି ପରିଚିତ ଥିଲେ ଖଇରୀର ମା' ହିସାବରେ ତାଙ୍କର ଖ୍ୟାତି ଯଥେଷ୍ଟ ଅଧିକ ଥିଲା। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଡି ହୋଇ ରହିଥିଲେ ମଧ୍ୟ ତା' ଠାରୁ ଯଥେଷ୍ଟ ଅଧିକ ସମୟ ସ୍କାଉଟିଂ ଗାଇଡିଂ ସହିତ ତାଙ୍କର ପ୍ରତ୍ୟେକ୍ଷ ସମ୍ପର୍କ ରହିଥିଲା। ଜୀବନବ୍ୟାପୀ ଭଲ କାମ କରି ସ୍କାଉଟ ଗାଇଡ୍‌ରେ ଉନ୍ନତ ସେବା ପାଇଁ ମହାମହିମ ରାଷ୍ଟ୍ରପତି ତଥା ରାଜ୍ୟପାଳଙ୍କ ଠାରୁ "Service Star" ଗ୍ରହଣ କରିଥିଲେ। ମରଶରୀରକୁ ଭାରତ ସ୍କାଉଟ ଗାଇଡ୍‌ର ପତାକା ଅର୍ପଣ କରିବା ସହିତ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଶେଷଥର ଦର୍ଶନ କରିବାପାଇଁ ମରଶରୀର ନିକଟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ଉପସ୍ଥିତ ରହିଥିଲେ ଏବଂ ବହୁ ସ୍କାଉଟପ୍ରେମୀମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ରାଜ୍ୟ ସଂସ୍ଥାର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ କାର୍ଯ୍ୟାଳୟର ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭବାନୀ ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକ, ଗାଇଡ୍ ବିଭାଗର ସାଂଗଠନିକ କମିଶନର ଏବଂ ଆଡିମିନିଷ୍ଟ୍ରେଟିଭ ଅଫିସର ଶ୍ରୀମତୀ ଅନାମିକା ଦାସ ଏବଂ ରାଜ୍ୟ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ଦୁଃଖଦ ଘଟଣାରେ ମର୍ମାହତ ହୋଇଛନ୍ତି।

## କେନ୍ଦ୍ରାପଡାରେ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡରେ ଗରାପୁର ଶିବାନନ୍ଦ ଆଶ୍ରମର ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୌରହିତ୍ୟରେ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲାର କୋଣ ଅନୁକୋଣରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ସମବେତ ପ୍ରାର୍ଥନାରେ ଅଂଶଗ୍ରହଣ କରିଥିଲେ। ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, କରୋନା ମହାମାରୀରୁ ସୁରକ୍ଷା ଏବଂ ଏକ ସୁସ୍ଥ ସମାଜ ଗଠନ ଲକ୍ଷ୍ୟରେ ଶ୍ରୀମାଙ୍କ ପରାମର୍ଶରେ କେନ୍ଦ୍ରାପଡା ଜିଲ୍ଲାବାସୀ ଇଛାପୁରସ୍ଥିତ ରଥଦାଣ୍ଡରେ ସମବେତ ହୋଇ ପ୍ରାର୍ଥନା କରିଥିଲେ। ଶ୍ରୀମା ପ୍ରତ୍ୟେକ ଇଂରାଜୀ ନବବର୍ଷର ପ୍ରଥମ ଦିବସକୁ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ଭାବେ ପାଳନ କରାଯିବାକୁ ପୂର୍ବରୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଶ୍ରୀମା ଉପସ୍ଥିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରାର୍ଥନାର ବିଶେଷତ୍ୱ ଏବଂ ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ପ୍ରତ୍ୟେକ ଧର୍ମାବଲମ୍ବିମାନେ ଏହି ଦିବସରେ ସେମାନଙ୍କ ଧର୍ମାନୁଷ୍ଠାନ ନିକଟରେ ସମବେତ ହୋଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପ୍ରାର୍ଥନା କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ସ୍ୱାମୀ ବିଶ୍ୱରୂପାନନ୍ଦ, ଟିକିଲି ମଠର ବାବା ହୃଷିକେଶ ଦାସ, ଡଃ. କାଳି ପ୍ରସନ୍ନ ଶତପଥୀ, ଅଧାପକ ଅଜୟ ସାମଲ, ସଞ୍ଜୟ ମଥାନ, କପାଳେଶ୍ୱର ସରପଞ୍ଚଗାୟତ୍ରୀ ମହାନ୍ତି, ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି, ଗବେଷକ ନିରଞ୍ଜନ ମେକାପ, ଦେବଦାସ ମହାନ୍ତି, ଶ୍ରୀଧର କୁମାର ମହାନ୍ତି, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ବାସୁଦେବ ଦାସ, ମେଜର ଭରତ ଚନ୍ଦ୍ର ଜେନା, ବାବାଜୀ ନୃସିଂହ ଚରଣ ଦାସ, ରାଜେଶ ପଣ୍ଡା, ସଞ୍ଜୟ କୁମାର ଜେନା, କୈଳାସ ରାଉତ, ପ୍ରଶାନ୍ତ ସେଠୀ, ସ୍ୱୟଂପ୍ରଭା କର, ସୁମିତ୍ରା ପାଢୀ, ଦ୍ରୌପଦୀ ରାଉତ, କୁଳମଣୀ ଦାସ, ସୁଦର୍ଶନ ମହାନ୍ତି, ସୁଶିଳ ସୁତାର, ସୌଭାଗିନୀ ମହାପାତ୍ର, ଅଭିମନ୍ୟୁ ଗୋଛାୟତଙ୍କ ସମେତ ବଳଦେବ ସେନା ଏବଂ ତୁଳସୀ କଲଚରାଲ ଗ୍ରୁପର କର୍ମକର୍ତ୍ତାମାନେ ଯୋଗଦେଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମିତ୍ତ ପ୍ରାର୍ଥନା କରିଥିଲେ।




# ଓଡ଼ିଆ ଭାଷା ଆନ୍ଦୋଳନ ଓ ସାମାଜିକ ସଂସ୍କାରର ପ୍ରବକ୍ତା ଥିଲେ ଫକୀରମୋହନ

ଖୋର୍ଦ୍ଧା, (ପି.ଏନ):ସଂଘର୍ଷ ଓ ସଂଗ୍ରାମ ଭିତରେ ବ୍ୟାସକବି ଫକୀରମୋହନଙ୍କ ବ୍ୟକ୍ତିଗତ ଜୀବନ ବିତିଥିଲା। ସାମାଜିକ ଅବ୍ୟବସ୍ଥାଗୁଡ଼ିକୁ ସେ ନିଜ ଲେଖନୀରେ ସ୍ଥାନ ଦେଇଥିଲେ। ସେ ନଥିଲେ ଓଡ଼ିଆ ଭାଷା ନ ଥାନ୍ତା। ପବିତ୍ର ମକର ସଂକ୍ରାନ୍ତି ତଥା ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ଫକୀରମୋହନ ସେନାପତିଙ୍କ ଜନ୍ମ ଜୟନ୍ତୀ ଅବସରରେ ଏହିଭଳି ମତପ୍ରକାଶ ପାଇଛି। ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଯୋଗଦେଇ ଫକୀରମୋହନଙ୍କ ସମାଜ ସଂସ୍କାରକ ଭୂମିକା ସଂପର୍କରେ ବର୍ଣ୍ଣନା କରିଥିଲେ। କେବଳ ଗଳ୍ପ, ଉପନ୍ୟାସ



ନୁହେଁ, ସେ ରାମାୟଣ, ମହାଭରତର ଅନୁବାଦ ମଧ୍ୟ କରିଥିଲେ। ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ତାଂକ ବକ୍ତବ୍ୟରେ ଓଡ଼ିଆ ପ୍ରେମୀ ବାଲେଶ୍ୱର ଜିଲାପାଳ ଜନ୍ ବିମସ ଓ ଓଡ଼ିଆ ବିରୋଧୀ କାନ୍ତିଲାଲ ଭଟ୍ଟାଚାର୍ଯ୍ୟଙ୍କ ଉଦାହରଣ ସହ ଫକୀରମୋହନଙ୍କ ଭାଷା ସୁରକ୍ଷା ଅଭିଯାନ ସଂପର୍କରେ ଆଲୋଚନା କରିଥିଲେ। ଗୋଧୂଳିର ସଂପାଦିକା ବିମଳା ସିଂହ ରେବତୀ, ଛ' ମାଣ ଆଠଗୁଣ୍ଠ, ଲଛମା, ପ୍ରାୟଶ୍ଚିତ ପୁସ୍ତକ ଓଡ଼ିଆ ଜନ ଜୀବନର କାଳଜୟୀ ସାହିତ୍ୟ ବୋଲି ମତ ଦେଇଥିଲେ। ପ୍ରାବନ୍ଧିକା ବିଳାସିନୀ ଦାଶ ଫକୀରମୋହନଙ୍କ ରାଣ୍ଡୀପୁଅ ଅନନ୍ତା ଉପରେ ଏକ ସନ୍ଦର୍ଭ ପାଠ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ତତ୍କାଳୀନ ସମୟର କୁସଂସ୍କାର, ଜମି ଜବରଦଖଲ, ନାରୀ ନିର୍ଯ୍ୟାତନା, ନିଶା ନିବାରଣକୁ ନେଇ ଫକୀରମୋହନ ଶାଣିତ କଟାକ୍ଷ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ଜ୍ୟୋତିପ୍ରଭା ପଟ୍ଟନାୟକ, ସମ୍ବାଦ ସାହିତ୍ୟ ଘରର ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାରଣା, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ନାରାୟଣ ଦାସ, କବି କୈଳାସ ଚନ୍ଦ୍ର ପୃଷ୍ଟି, ବିକ୍ରମ କେଶରୀ ଚମ୍ପତି ପ୍ରମୁଖ ଯୋଗଦେଇ ଫକୀରମୋହନଙ୍କ ସମ୍ବନ୍ଧୀୟ କବିତା ପାଠ ସହ ତାଂକ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଥଲେ ଯେ, ଉତ୍କଳ ଗୌରବ ମଧୁସୂଦନଙ୍କ ଭଳି ବ୍ୟାସକବି ଫକୀରମୋହନଙ୍କ ପୂର୍ବପୁରୁଷ ମଧ୍ୟ ବୀରମାଟି ଖୋର୍ଦ୍ଧା ଅଂଚଳରୁ ଯାଇଥିଲେ। ପାଇକ ସର୍ଦ୍ଦାର ହନୁମଲ୍ଲଙ୍କର ପଂଚମ ପିଢିର ସନ୍ତାନ ଫକୀରମୋହନ ଶୋଷଣ, କଷଣକୁ ନିଜ ସାହିତ୍ୟକୃତୀରେ ରୂପ ଦେଇ ସାମାଜିକ ସଂସ୍କାରରେ ପ୍ରୟାସୀ ଥିଲେ। ଖୋର୍ଦ୍ଧା ଅଂଚଳରୁ ଯାଇଥିବା ହେତୁ ତାଂକ ଲେଖନୀରେ ଶୁଦ୍ଧ ଓଡ଼ିଆ ସ୍ଥାନ ପାଇଥିଲା। ଶେଷରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସଂପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାବିତ୍ ସ୍ୱର୍ଗତ ବିଷ୍ଣୁ ଚରଣ ପ୍ରଧାନଙ୍କ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ, (ପିଏନ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଦେଉଳକୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ବିଷ୍ଣୁ ଚରଣ ପ୍ରଧାନଙ୍କ ନବମ ବାର୍ଷିକ ସ୍ମୃତି ଚାରଣ ସଭା ତାଙ୍କ ନିଜ ବାସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ପରିଷଦ ଓ ମହାବିନାୟକ ବିଦ୍ୟାୟନ ବଡ଼ଚଣାର ପୁରାତନ ଛାତ୍ରଛାତ୍ରୀମାନଙ୍କ ଆନୁକୂଲ୍ୟରେ ଆୟୋଜିତ ସ୍ମୃତି ଚାରଣ ସଭା ଅବସର ପ୍ରାପ୍ତ ଅଧକ୍ଷ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅବସର ପ୍ରାପ୍ତ ଶିକ୍ଷକ ପରମାନନ୍ଦ ସ୍ୱାଇଁ, ଗୋକୁଳାନନ୍ଦ ଆଚାର୍ଯ୍ୟ, ସମିତି ସଭ୍ୟ ଗୁରୁଜୀ ରବିନ୍ଦ୍ର ନାଥ ଦାଶ, ବରିଷ୍ଠ ନାଗରୀକ କାର୍ତିକ ପ୍ରଧାନ, ରମାକାନ୍ତ ରାଉତ, ପ୍ରାକ୍ତନ ସମିତି ସଭ୍ୟା ପ୍ରତିଭା ଖୁଂଟିଆ, ପ୍ରାକ୍ତନ ସରପଂଚ ନିଳକଣ୍ଠ ମିଶ୍ର, ପୁରାତନ ଛାତ୍ର ଇଂ ଅମ୍ବିକା ପ୍ରସାଦ ବାରିକ୍, ଇଂ ଭବାନୀ ପ୍ରସାଦ ବାରିକ୍, ଇଂ ରଂଜିତା ପଟେଲ୍, ଇଂ ସୁମନ୍ତ ବେହେରା, ଅଧ୍ୟାପିକା ପିନାକିନୀ ପ୍ରଧାନ, ଇଂ ଦେବାଷିଶ୍ ପ୍ରଧାନ, ଶିକ୍ଷକ ରଂଜନ କୁମାର ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଷ୍ଣୁ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ପ୍ରଦ୍ୱୀପ ଉଜ୍ଜଳନ କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଷ୍ଣୁ ସାର୍ ଏ ଅଂଚଳର ସୁନାମ ଧନ୍ୟ ମହାବିନାୟକ ବିଦ୍ୟାୟନ ବଡ଼ଚଣାରେ ଶିକ୍ଷକତା କରି ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ଭାବେ ଗଠନ କରିଥିଲେ। ସେ ମଧ ଜଣେ ଭଲ ନାଟ୍ୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ବହନ କରି କଳାକାରମାନଙ୍କୁ ନିର୍ଦ୍ଦେଶନା ଦେଇ ସୁନାମ ଅର୍ଜନ କରିଥିଲେ। ଶିକ୍ଷକତା ଦୃଷ୍ଟିରୁ ସେ ଆଜି ସମସ୍ତ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକମାନଙ୍କ ପାଖରେ ଚିରସ୍ମରଣୀୟ ହୋଇ ରହିଛନ୍ତି ବୋଲି ଅତିଥିମାନେ ତାଙ୍କ ବକ୍ତବ୍ରରେ ପ୍ରକାଶ କରିଥିଲେ। ବିଷ୍ଣୁ ସାରଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ୧୧ ଜଣିଆ କମିଟି ଗଠନ କରାଯାଇଅଛି। ପୁରାତନ ଛାତ୍ର ଇଂ ଅମ୍ବିକା ପ୍ରସାଦ ବାରିକ୍ ଓ ଇଂ ଭବାନୀ ପ୍ରସାଦ ବାରିକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ସହଯୋଗ କରିବା ପାଇଁ ଘୋଷଣା କରାଯାଇଥିଲା। ଶେଷରେ ପ୍ରଦୀପ୍ତ କୁମାର ପ୍ରଧାନ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ସ୍ୱାସ୍ଥ୍ୟ ଅଧିକାରୀଙ୍କ ୱାର୍ଡ଼ ପରିଦର୍ଶନ

ଫୁଲନଖରା,(ପି.ଏନ): ସ୍ୱାସ୍ଥ୍ୟ ଅଧିକାରୀ ଡା.ସତ୍ୟବ୍ରତ ମହାପାତ୍ର ସିଏମସି ଅନ୍ତର୍ଗତ ୫୬ ଓ ୫୭ ନମ୍ବର ୱାର୍ଡ଼ ପରିଦର୍ଶନ କରିଛନ୍ତି। ନୂତନ କରି ଅଳିଆ ବୁହା ଗାଡ଼ି ବୁଲିବା ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ସଚେତନ କରିବା ନେଇ ଏହି ଗସ୍ତ ଉଦ୍ଦିଷ୍ଟ ଥିଲା। ଡା.ମହାପାତ୍ରଙ୍କ ସହିତ ପରିମଳ ନିରୀକ୍ଷକ ଧ୍ରୁବଚରଣ ବେହେରା, ସୁପରଭାଇଜର ନିହାରରଂଜନ ବଳ, ସ୍ୱାସ୍ଥ୍ୟ ସାଥି ରିତା ମହାରଣା, ସୁଧାଂଶୁଶେଖର ପଡ଼ିଆରୀ ପ୍ରମୁଖ ବିଭିନ୍ନ ସାହି ବୁଲି ଡ୍ରେନ ଓ ପରିମଳ ବ୍ୟବସ୍ଥାର ତଦାରଖ କରିଥିଲେ। ଗଳି ରାସ୍ତାରେ ଯେପରି କେହି ଘର ନିର୍ମାଣ କଂକ୍ରିଟ ବର୍ଜ୍ୟ, ଆବର୍ଜନା କିମ୍ବା ଇଟା, ବାଲି ଗୋଡ଼ି ଆଦି ଜମା ନକରନ୍ତି ସେଥିପ୍ରତି ସତର୍କ କରାଇଥିଲେ। ଏହାର ଉଲ୍ଲଙ୍ଘନକାରୀଙ୍କ ଉପରେ ୫ଶହରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହେବବୋଲି କୁହାଯାଇଥିଲା। ଏହି ପରିଦର୍ଶନ ପରେପରେ ଗୋପାଳପୁରସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ସୁଚିତ୍ର ପାଳ, ସାରଦାପ୍ରସାଦ ବେହେରା, ୱାର୍ଡ଼ ସଭାପତି ରନ ପାଳ, ରାଜେଶକୁମାର ସ୍ୱାଇଁ, ଅତୁଲ୍ୟ ନାୟକ, ଲକ୍ଷ୍ମୀଧର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପୃକ୍ତ ୱାର୍ଡ଼ରୁ ଅନାବନା ଗଛଲତା ସଫା କରିବାକୁ ୫ଟି ଲେଖାଏଁ ବୃଶ କଟର ଦିଆଯିବବୋଲି ଘୋଷଣା ହୋଇଥିଲା। ଏହାଛଡ଼ା ପ୍ରତି ସାହିରୁ ୫ଜଣ କରି ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା ଏବଂ ଡ୍ରେନ ଓ ପରିମଳ ସଂକ୍ରାନ୍ତ ଯାହା କିଛି ଅସୁବିଧା ଉପୁଜିଲେ କମିଟି ସଦସ୍ୟମାନେ ସିଏମସି କର୍ତ୍ତୃପକ୍ଷଙ୍କୁ ଜଣାଇଲେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯିବବୋଲି ଅଧିକାରୀ ପ୍ରତିଶ୍ରୃତି ଦେଇଥିଲେ।

### ବହିଘର ପକ୍ଷରୁ ଫକୀରମୋହନ ଜୟନ୍ତୀ ପାଳିତ

ବାଲେଶ୍ୱର,(ପି.ଏନ): ପୁସ୍ତକ ପ୍ରକାଶକ ଓ ସାରସ୍ୱତ ପ୍ରତିଷ୍ଠାନ ବହିଘର ପକ୍ଷରୁ ବିଦ୍ୟାଭାରତୀ ସଭାଗୃହଠାରେ ୧୮୦ ତମ ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ୧୪ ତାରିଖ ପୂର୍ବାହ୍ନରେ କବି ଅଭୟ ଦାସ ଙ୍କ ଅଧକ୍ଷତାରେ ଏହି ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାହିତ୍ୟ ସଂସ୍କୃତି କଳାପରିଷଦର ସମ୍ପାଦକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଗୋଟିଏ ସମୟରେ ପ୍ରଖ୍ୟାତ କଥାକାର ଟଲଷ୍ଟୟ, ହିନ୍ଦୀର ପ୍ରସିଦ୍ଧ ଲେଖକ ପ୍ରେମଚନ୍ଦ ଓ ଓଡ଼ିଆ କଥା ସାହିତ୍ୟର ସେନାପତି ଫକୀରମୋହନଙ୍କ ସୃଷ୍ଟି ଗୁଡ଼ିକ ମଧ୍ୟରେ ଥିବା ସାମଞ୍ଜସ୍ୟକୁ ନେଇ ସେମାନଙ୍କୁ ସାହିତ୍ୟର ସୁବର୍ଣ୍ଣ ତ୍ରିଭୁଜର ପ୍ରତିଷ୍ଠାତା ବୋଲି କହିଥିଲେ।

# ଖୋର୍ଦ୍ଧାରୁ ୧୨ହଜାର ମେଟ୍ରିକ ଟନ ଗୋ ମାଂସ ଜବତ,ଚାଳକ ଗିରଫ




ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ଖୋର୍ଦ୍ଧା-ବଲାଙ୍ଗୀର ୧୬ ନମ୍ବର ଜାତୀୟ ରାଜପଥର ଗ୍ରୀନ ଚିଲି ଢାବା ନିକଟରେ ୧୨ ମେଟ୍ରିକ ଟନ ଗୋ ମାଂସ ସଦର ଥାନା ପୋଲିସ ଜବତ କରିଛି । ପୋଲିସ ସୂଚନା ଅନୁଯାଇ କଲିକତାରୁ ଗୋ ମାଂସ ଗୁଡିକୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଏପି ୩୯ୟୁ ୬୭୬୬ ନମ୍ବର ବିଶିଷ୍ଟ କଂଟେନରକୁ ରାଧା ମୋହନ ପ୍ରଧାନ ନାମକ ବ୍ୟକ୍ତି ସମେତ ସ୍ଥାନୀୟ ଅଂଚଳର ଲୋକମାନେ ଏକତ୍ରୀତ ହୋଇ ଗାଡିକୁ ସନ୍ଦେହରେ ଅଟକାଇ ପୋଲିସକୁ ଖବର ଦେଇଥିଲେ ।ତେବେ ଘଟଣା ସ୍ଥଳରେ ପୋଲିସ ପହଂଚି ପ୍ରାଥମିକ ତଦନ୍ତ କରି ଚାଳକ ବଦରୁଦ୍ଦିନ ଅଲ୍ଲୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପରେ ମାଂସ ପରୀକ୍ଷା ପାଇ ପଠା ଯିବା ପରେ ଅବଶିଷ୍ଟ ମାଂସ ଗୁଡିକୁ ଏକ ଗର୍ତ କରି ପୋତାଯାଇ ଅଛି ।

# ଡ଼.ପ୍ରକାଶ ଶ୍ରୀଚନ୍ଦନଙ୍କୁ ପାଇକ ସମ୍ରାଟ ସମ୍ମାନ

ଖୋର୍ଦ୍ଧା ୧୫/୦୧: ଓଡ଼ିଶାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା ଓ ଖୋରଧା ନିୟୁଥିଙ୍କିଙ୍ଗ ଫୋରମର ମିଳିତ ସହଯୋଗରେ ସ୍ଥାନୀୟ ଗୀତା ଗୋବିନ୍ଦ ସଦନରେ ରାଜ୍ୟ ଉତ୍କଳ ପ୍ରତିଭା ଓ ସିନେ ପ୍ରତିଭା ସମ୍ମାନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶା ବିଧାନ ସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉତ୍କୃଷ୍ଟ କଳାର ରାଜ୍ୟ ବୋଲି ଆମ ରାଜ୍ୟର ନାମ ଉତ୍କଳ। ଆମର ବିରତ୍ୱ ବ୍ୟଞ୍ଜକ କାହାଣୀ ତଥା ପ୍ରତିକ୍ଷେତ୍ରରେ ଓଡ଼ିଆମାନଙ୍କର ପାରଦର୍ଶୀତାର ପଟ୍ଟାନ୍ତର ନାହିଁ। ଏ ମାଟିର କୃତି ସନ୍ତାନ ମାନଙ୍କୁ ସମ୍ମାନିତ କରାଯାଇଥିବାରୁ ଏହା ଅତ୍ୟନ୍ତ ଆନନ୍ଦର ବିଷୟ। ଏଥିରେ ସଭାପତିତ୍ୱ କରି ପ୍ରେରଣାର ସଭାପତି ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ କହିଲେ କରୋନା ଭଳି ମହାମାରୀ ସମୟରେ ଯେଉଁ ସିନେ ତାରକା ତଥା ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ସାମାଜିକ



କାର୍ଯ୍ୟକ୍ରମରେ ଲିପ୍ତ ରହିବା ସହ କରୋନା ଯୋଦ୍ଧା ଭାବେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସମ୍ମାନିତ କରିବା ଆମର ମୁଖ୍ୟ ଆଭିମୁଖ୍ୟ। ତେଣୁ ପ୍ରତ୍ୟେକ ସମ୍ମାନିତ ପ୍ରତିଭା କରୋନା ସମ୍ପର୍କରେ ସଚେତନତାର ବାର୍ତ୍ତା ବାଂଟିବାକୁ ଡ଼.ଶ୍ରୀଚନ୍ଦନ ଅନୁରୋଧ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସପ୍ତମ ବାଟାଲିୟନର କମାଣ୍ଡାଂଟ ବିଜୟ କୁମାର ସାହୁ ହାଇଟେକ ମେଡ଼ିକାଲ କଲେଜର ପ୍ରତିଷ୍ଠାତା ତିରୁପତି ପାଣିଗ୍ରାହୀ ବରିଷ୍ଠ ଚାଟାର୍ଡ଼ ଆକାଉଂଟାଟ ଚିତ ରଂଜନ ବେହେରା, ଓଡ଼ିଶା ବୀର ମହାସଂଘର ସଭାପତି ଡ଼. ପ୍ରକାଶ ଶ୍ରୀଚନ୍ଦନ ରାଜ୍ୟ ରେଡ଼କ୍ରସର ଯୁବ ଅଧିକାରୀ ଡ଼.ଅଜୟ କୁମାର ତ୍ରିପାଠୀ, ସମାଜ ସେବୀ ଗଣେଷ ସାମନ୍ତ, ନିୟୁଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ସମ୍ମାନିତ ପ୍ରତିଭା ମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ କରୋନା ମହାମାରୀ ସମ୍ପର୍କରେ ସଚେତନତାର ବାର୍ତ୍ତା ବାଂଟି ନିଜ ମହନିୟତାର ପରିଚୟ ଦେବାକୁ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶା ବୀର ମହାସଂଘର ସଭାପତି ଡ଼.ପ୍ରକାଶ ଶ୍ରୀଚନ୍ଦନଙ୍କୁ ପାଇକ ସମ୍ରାଟ ସମ୍ମାନ ଓ.ଟିଭି.ର ସମ୍ପାଦକ ରାଧା ମାଧବ ମିଶ୍ର, ଅର୍ଗସ ଟିଭିର କାର୍ଯ୍ୟକାରୀ ସହଯୋଗୀ ସମ୍ପାଦକ ଶିବାନନ୍ଦ ଦାସ, କବି ଓ ପାଠାଗାର ଡ଼. ଅଜୟ ସ୍ୱାଇଁ ପକ୍ଷୀଘର ପତ୍ରିକାର ସମ୍ପାଦକ ବନୋଜ ତ୍ରିପାଠୀ, ଓଡ଼ିଶା ଯୁବ ରେଡ଼କ୍ରସର ରାଜ୍ୟ ଯୁବ ଅଧିକାରୀ ଡ଼.ଅଜୟ କୁମାର ତ୍ରିପାଠୀ, ସଂଯୋଜକ ଡ଼. ଗୋପାଳ ମିଶ୍ର, କଟକ ଜିଲ୍ଲା ରେଡ଼କ୍ରସର ଆବାହିକା ସମ୍ପାଦକ ଡ଼.ଶଶ୍ମିତା କୁମାର ପଟ୍ଟନାୟକ, ବୌଦ୍ଧ ଜିଲ୍ଲା ରେଡ଼କ୍ରସର ସମ୍ପାଦକ ପ୍ରବିର କୁମାର ଦାସ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ୱେତା କୁମାର ଦାସ, ଅଭିନେତ୍ରୀ ନମ୍ରତା ସିଂହଦେଓ, ଲିପିସା ମିଶ୍ର, ଅଭିନେତା ଶ୍ରୀତମ ଦାସ, ବିବି ମିଶ୍ର, ଅଭିନେତ୍ରୀ ପୁଷ୍ପା ମିଶ୍ର, ମିନୁ ଶର୍ମା, ଉପସ୍ଥାପିକା ଶିବାନୀ ମହାନ୍ତି, ଦୃତ ଧାବିକା ଅର୍ଚ୍ଚିତା ମାଲ ବିଶୋୟୀ, ସାମ୍ବାଦିକ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ, ଗାୟତ୍ରୀ ମହାନ୍ତି, ସୁମନ୍ତ ସୁନ୍ଦରାୟ, ମୈସୁମି ମହାନ୍ତି, ରଶ୍ମିତା ଦାସ, ସପ୍ତରୂପା ସାମନ୍ତରାୟ, ଶୁଭସ୍ମିତା ଦାସ, ମେଧାବୀ ଛାତ୍ରୀ ଲୁସି ଦାସ, ସମାଜ ସେବୀ ସୁନିଲ ପ୍ରଧାନ, ଅଜୟ କୁମାର ଗୁମାନସିଂହ ପ୍ରମୁଖ ବିଭିନ୍ନ କ୍ଷେତ୍ରରେ କୃର୍ତିତ୍ୱ ଅର୍ଜନ କରିଥିବା ୨୫ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉତ୍କଳ ସାହିତ୍ୟ ସଂସଦ ତରଫରୁ ୧୮୦ତମ ଫକୀର ମୋହନ ଜୟନ୍ତୀ ପାଳିତ

ମାଲକାନଗିରି, (ପି.ଏନ): ମାଲକାନଗିରି ସ୍ଥିତ ମାଲ୍ୟବନ୍ତ ଛାତ୍ରାବାସ ଠାରେ ଉତ୍କଳ ସାହିତ୍ୟ ସଂସଦ ତରଫରୁ ୧୮୦ତମ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୦ତମ ଜୟନ୍ତୀ ପାଳିତ ହୋଇ ଯାଇଛି ଓଏହି ଉତ୍ସବରେ ଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚ଼ନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ,ମୁଖ୍ୟବକ୍ତା ଭାବେ ପଡିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର,ସମ୍ମାନିତ ବକ୍ତା ଭାବେ ଶିକ୍ଷକ କବିର ମୋହନ ବେହେରା,ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକୁମାର ବିଶ୍ୱାଳ(ପଟାଙ୍ଗି), କବି କଟିଆ ରତ୍ନ ବଂଶୀଧର ମହାରଣା (ସେମିଳିଗୁଡା), ମାଲ୍ୟବନ୍ତଶ୍ରୀର ସଂପାଦକ ମନୋଜ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ଓପ୍ରଥମେ ଅତିଥିମାନେ ବ୍ୟାସକବି ଫକୀର ମୋହନଙ୍କ ତୈଳଚ଼ିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓଫକୀରମୋହନ ସେନାପତି ଓଡିଆ ଭାଷାର ବିଲୋପ ସମୟରେ ଜନ୍ମଗ୍ରହଣ କରି ଓଡିଆ ଭାଷାର ଉଦ୍ଧାକରିବାରେ ଯେଉଁ ସଂଘର୍ଷ ଜାରି ରଖିଥିଲେ ତାଙ୍କର ନିଷ୍ଠାପର କାର୍ଯ୍ୟକୁ ସଦା ସର୍ବଦା ଏହି ଓଡିଆ ଜାତି ସ୍ମୃତି ଚ଼ାରଣ କରିବେ ବୋଲି କୁହାଯାଇଥିଲା ଓସେ ଯେଉଁ କାଳଜୟୀ ଗଳ୍ପ ଏବଂ ଉପନ୍ୟାସ ରଚ଼ନା କରିଛନ୍ତି ଯୁଗେ ଯୁଗେ ଏହା ଜନମାନସରେ ଆଦୃତ. ହୋଇ ରହିବ ଓଫକୀର ମୋହନଙ୍କ ଜୀବନୀ ତଥା ସାହିତ୍ୟ କୃତି ଉପରେ ଅତିଥିମାନେ ବିଭିନ୍ନ ଦିଗରୁ ଆଲୋକପାତ କରିଥିଲେ ଓଫକୀର ମୋହନଙ୍କ ଓଡିଆ ଜାତି ପାଇଁ ଯେଉଁ ଅବଦାନ ରହିଛି ,ତାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଉ ବୋଲି ଉତ୍କଳ ସାହିତ୍ୟ ସଂସଦ ପକ୍ଷରୁ ଭାରତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି ଓଏହି ପରିପ୍ରକ୍ଷୀରେ ସାହିତ୍ୟ କୃତି ଏବଂ ଓଡିଆ ଭାଷାର ପ୍ରଚ଼ାର ପ୍ରସାର ଲାଗି ଯେଉଁ ବ୍ୟକ୍ତି ବିଶେଷଙ୍କ ନିଷ୍ଠାପର ଭୂମିକା ରହିଛି ମାଲକାନଗିରି ଉତ୍କଳ ସାହିତ୍ୟ ସଂସଦ ତଫରୁ ମୋହର ଏବଂ ମାନପତ୍ର ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ ସେମାନେ ହେଲେ ପଟାଙ୍ଗିର ସୁକୁମାର ବିଶ୍ୱାଳ, ସେମିଳିଗୁଡାର ବଂଶୀଧର ମହାରଣା, କବି କେଶବ ଚ଼ନ୍ଦ୍ର ନାୟକ,କବି ଅନନ୍ତ କିଶୋର ନନ୍ଦ, ଅଧକ୍ଷ ପରମାନନ୍ଦ ମହାପାତ୍ର, ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, କବି ମନୋଜ ସାହୁ ଏବଂ ବିଶ୍ୱପ୍ରେରଣା ବେହେରା ଓଶେଷରେ ଉତ୍କଳ ସାହିତ୍ୟ ସଂସଦ ସଂପାଦକ ଅନନ୍ତ କିଶୋର ନନ୍ଦ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ ଓ ଦିବ୍ୟଜ୍ୟୋତି ପାଣିଗ୍ରାହୀ,ଶିକ୍ଷକ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ,ଅଧ୍ୟାପକ ଉମେଶ ରାଉତ, ନୀଳକଣ୍ଠ ବେହେରା, ସୋନୁ ଅନୁଗୁ,ମହେଶ୍ୱର ରାଉତ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ ଓ

# ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ୍

୧୮୩୩ ମସିହା ଅକ୍ଟୋବର ମାସ ୨୧ ତାରିଖ ଦିନ, ସୁଇଡେନ୍ ରାଷ୍ଟ୍ରର ଷ୍ଟକହୋମ୍‌ସ୍ଥିତ ନରମାନସ୍‌ଗାଟାନ୍‌ରେ ମାତା ଆଣ୍ଡ୍ରିଏଟ୍ଟିଙ୍କ ଠାରୁ ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ ଜନ୍ମଗ୍ରହଣ କରିଥିଲେ । ପିତା ଇମ୍ମାନୁଏଲ୍ ନୋବେଲଙ୍କ ପାରିବାରିକ ଅବସ୍ଥା ବିଶେଷ ସ୍ୱଚ୍ଛଳ ନଥିଲା । ଆଲଫ୍ରେଡ୍ ନୋବେଲ ଜନ୍ମରୁ ଦୁର୍ବଳ ଆଉ ରୁଗ୍ଣ ଥିଲେ । ତାଙ୍କର ଉଚ୍ଚତା ମଧ କମ୍ ଥିଲା । ମାତା ଆଣ୍ଡିଏଟ୍ଟିଙ୍କ ଭଲ ପାଇବା ଓ ଯତ୍ନ ଯୋଗୁଁ ଆଲ୍‌ଫ୍ରେଡ ଆଜି ବିଶ୍ୱରେ ବନ୍ଦନୀୟ । ତାଙ୍କର ବୈଜ୍ଞାନିକ ପିତା କରତଗୁଣ୍ଡ ଓ ଅଠାର ମିଶ୍ରଣରୁ ପ୍ଲାଇଉଡ୍ ଉଦ୍‌ଭାବନ କରିଥିଲେ। ଫିନ୍‌ଲ୍ୟାଣ୍ଡରେ ବ୍ୟବସାୟ ଆରମ୍ଭକରି ପ୍ରଚୁର ଅର୍ଥ ରୋଜଗାର କଲେ। ଇମ୍ମାନୁଏଲ୍ ଏକ ବିସ୍ଫୋରକ ଦ୍ରବ୍ୟର ଖଣି ଆବିଷ୍କାର କରିଥିଲେ । ଇମ୍ମାନୁଏଲ୍ ରୁଷିଆର ଜାରଙ୍କଠାରୁ ଇମ୍ପେରିଆଲ ସ୍ୱର୍ଣ୍ଣପଦକ ପାଇବାର ଗୌରବ ଅର୍ଜନ କଲେ । ଆଲ୍‌ଫ୍ରେଡ୍ ପିତାଙ୍କ ସହିତ ମିଶି ନାଇଟ୍ରୋଗ୍ଲିସେରିନ୍ ଉପରେ ଅନେକ ପରୀକ୍ଷା ନିରୀକ୍ଷା ଚଳାଇଲେ । ୧୮୬୩ ଅକ୍ଟୋବର ୧୪ ତାରିଖ ନାଇଟ୍ରୋଗ୍ଲିସେରିନ୍‌ର ପ୍ରଥମ ପ୍ୟାଟେର୍ଣ୍ଟ ପାଇଥିଲେ । ଦିନେ ଗବେଷଣା ଗାରରେ ନୋବେଲ ନଥାନ୍ତି । ଏତିକିବେଳେ ତାଙ୍କ ଗବେଷଣାଗାରରେ ବିସ୍ଫୋରଣରେ ତାଙ୍କ ସାନଭାଇ ଅସ୍କାର ଏମିଲ୍ ମୃତ୍ୟୁବରଣ କଲେ। ସମଗ୍ର ମାନବ ଜାତିର ପ୍ରଗତି ପାଇଁ ନିଜ ଜୀବନ କୁ ବାଜି ଲଗାଇ ତରଳ ନାଇଟ୍ରୋଗ୍ଲିସେରିନ୍‌କୁ କଠିନ ଖଣ୍ଡରେ ପରିଣତ କରିବା ପ୍ରୟାସ ଜାରିରଖିଲେ । ୧୮୭୨ ମସିହାରେ ପିତାଙ୍କ ମୃତ୍ୟୁପରେ ଆଲଫ୍ରେଡ୍ ଇଉରୋପ୍ ସାରା ବୁଲି ତାଙ୍କ ନାଇଟ୍ରୋଗ୍ଲିସେରିନ୍ ବ୍ୟବସାୟର ପ୍ରସାର ପାଇଁ ପ୍ରୟାସ ଚଳାଇଥାନ୍ତି। ରେଲଲାଇନ୍ ତିଆରି ଓ ଖଣିରୁ ଧାତୁ ଦ୍ରବ୍ୟ ବାହାର ପାଇଁ ନାଇଟ୍ରୋଗ୍ଲିସେରିନ୍‌ର ବ୍ୟବହାର କରାଯାଉଥିଲା। ତରଳ ନାଇଟ୍ରୋଗ୍ଲିସେରିନ୍ ଜାହାଜରେ ଜର୍ମାନୀର ଏକ ମାଟି କରତ ଗୁଣ୍ଡ ସ୍ଥାନର ଭୁଲ୍‌ବଶଃତ ରହିଥିବାରୁ, ତରଳ ନାଇଟ୍ରୋଗ୍ଲିସେରିନ୍ ମାଟି ସହିତ ମିଶି ଛୋଟ ଛୋଟ ଦାନାରେ ପରିଣତ ହେଲା । ଗବେଷକ ଆଲଫ୍ରେଡ୍ ଏହି ଦାନାକୁ ବିଦ୍ୟୁତ୍ ଶକ୍ ଦେବାରୁ ବିସ୍ଫୋରିତ ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହି ନୂତନ ମିଶ୍ରଣ ନାଇଟ୍ରୋଗ୍ଲିସେରିନ୍ ଠାରୁ ଅଧିକ ଫଳପ୍ରଦ ହେବାରୁ ଏହାର ନାମ ନୋବେଲ୍ ନିରାପଦ ଗୁଣ୍ଡ । ଏହି ନୋବେଲ୍ ନିରାପଦ ଗୁଣ୍ଡ ଡିନାମାଇଟ୍ ନାମରେ ନାମିତ ହେଲା। ଡିନାମାଇଟ୍ ତିଆରି ପାଇଁ ଏକ ଭାଗ କିଜେଲଗୁର ମାଟି ସହିତ ତିନିଭାଗ ତରଳ ନାଇଟ୍ରୋଗ୍ଲିସେରିନ୍ ମିଶ୍ରଣ କରାଯାଇଥାଏ । ୧୮୬୭ ମସିହାରେ ନୋବେଲ୍ ଆଣ୍ଡ କମ୍ପାନୀ ଡିନାମାଇଟ୍



ଅକ୍ଷୟ କୁମାର ରାଉତ

ରପ୍ତାନୀ ଆରମ୍ଭ କଲେ । ସେହିଦିନ ଠାରୁ ଯୁଦ୍ଧ ସାମଗ୍ରୀ ରପ୍ତାନୀକାରୀ ହିସାବରେ ଆଲ୍‌ଫ୍ରେଡ୍ ପରିଚିତ ହେଲେ । ୧୮୬୮ ମସିହାରେ ସୁଇଡେନ୍‌ର ବିଜ୍ଞାନ ଏକାଡେମୀ ଆଲ୍‌ଫ୍ରେଡ୍‌ଙ୍କୁ ତାଙ୍କର ବିଜ୍ଞାନର ମୌଳିକ ଅବଦାନ ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ । ନୋବେଲ୍‌ଙ୍କର ଡିନାମାଇଟ୍ ପ୍ରସ୍ତୁତି କାରଖାନା ଆମେରିକା, ପ୍ୟାରିସ ଓ ବ୍ରିଟେନ୍ ପ୍ରଭୃତି ଦେଶରେ ଦେଖାଦେଲା । ନୋବେଲ୍ ବ୍ରିଟେନ୍‌ର ଆରଡର୍ ଠାରେ ସ୍ଥାପନ କଲେ ପୃଥିବୀର ସର୍ବବୃହତ ଡିନାମାଇଟ୍ କାରଖାନା । ଅର୍ଥ, ଜ୍ଞାନ ଓ ଗବେଷଣା ଥିଲା ତାଙ୍କ ଜୀବନର ପ୍ରଧାନଧାରା। ସେ ପ୍ରତି କ୍ଷେତ୍ରରେ ମନ ପ୍ରାଣ ଢ଼ାଳି ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ । ତାଙ୍କର କୌଣସି ଫ୍ୟାକ୍ଟରୀରେ ଧର୍ମଘଟ କି ତାଲବନ୍ଦ ହୋଇନଥିଲା । ତାଙ୍କର ନିଃସଙ୍ଗ ଜୀବନ ମଧ୍ୟରେ ସେ ଥରେ ନିଜର ଜଣେ ବନ୍ଧୁଙ୍କ ପାଖକୁ ଚିଠି ଦେଇଥିଲେ ।କାହାନ୍ତି ସେମାନେ ? ମୋର ସମସ୍ତ ବନ୍ଧୁ ଗଲେ କୁଆଡେ ? ପାଣିମୟ ସନ୍ତସନ୍ତିଆ ସ୍ଥାନ ରୂପକ ମିଥ୍ୟା ଭ୍ରାନ୍ତିର କର୍ଦ୍ଦମାକ୍ତ ଭୂମିରେ ସେମାନେ କଣ ଫଶିଗଲେ ? ନା ଅଟକିଗଲେ ଅର୍ଥ ଉପାର୍ଜନ ପଙ୍କିଳ ଭୂମିରେ । ମୁଁ ତୁମକୁ କହିରଖୁଛି ସେ ଅଧିକାଂଶ ବନ୍ଧୁ କେବଳ କୁକୁର ମାନଙ୍କ ଭିତରେ ଦେଖିବାକୁ ମିଳନ୍ତି । ଯେଉଁମାନଙ୍କୁ ଆମେ ଅନ୍ୟପ୍ରାଣୀଙ୍କ ମାଂସ ଖୁଆଇଥାଉ । ଏମିତି ବହୁତ ବନ୍ଧୁ ଅଛନ୍ତି, ଯେଉଁମାନେ ଆମ ନିଜ ମାଂସରେ ପାଳିତ । ବିପୁଳ ଯଶଃ ଅର୍ଥ ଓ ଐଶ୍ୱର୍ଯ୍ୟ ମଧ୍ୟରେ ରହି ମଧ୍ୟ ସେ ଶାନ୍ତି ପ୍ରିତି ଓ ସାହିତ୍ୟ ଅନୁରାଗି ଥିଲେ । ତାଙ୍କ ଗ୍ରନ୍ଥାଗାରଟିରେ ପ୍ରାୟ ପନ୍ଦରଶହଟି ମୂଳ ଭାଷାରେ ଲିଖିତ ପୁସ୍ତକ ରହିଥିଲା । ଆଲ୍‌ଫ୍ରେଡ୍ ବହୁ କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାରଙ୍କ ସହିତ ସମ୍ପର୍କ ରଖିଥିଲେ। ଭୋଲଟାୟାର ଓ ରୁଷୋଙ୍କ ଦର୍ଶନ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଚାର୍ଲସ୍ ଡାରଉଇନ୍‌ଙ୍କ ବିବର୍ତନ ବାଦର ସେ ଥିଲେ ବଡ ସମର୍ଥକ । ଆଲଫ୍ରେଡ୍‌ଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ସେ ବୈଜ୍ଞାନିକ ଗବେଷଣା ତଥା ପରୀକ୍ଷା ନିରୀକ୍ଷାରୁ ବିରତ ହୋଇ ଲେଖାଲେଖିରେ ମନନିବେଶ କଲେ । ତାଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଇନ୍ ବ୍ରାଇଟେଷ୍ଟ ଆଫ୍ରିକା' ଓ 'ସିଷ୍ଟାର୍ନା' । ସେ 'ଦି ପ୍ୟାଟେଣ୍ଟ ବ୍ୟାସିଲସ୍' ନାମକ ପୁସ୍ତକରେ ଅମଲାତନ୍ତ୍ରର ଔଦ୍ଧତ ଓ ନିଜର ଅନୁଭୂତିକୁ ହାସ୍ୟରସାତ୍ମକ ଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କର ଅନ୍ୟ ଏକ ନାଟ୍ୟ ପୁସ୍ତକ ନାମ ଥିଲା 'ନେମେସିସ୍' । ଜ୍ଞାନ, ବିଜ୍ଞାନ, ବିଶ୍ୱାସ, ଯୁଦ୍ଧ ବିଗ୍ରହ ଓ ଶାନ୍ତିସ୍ଥାପନ ସଂକ୍ରାନ୍ତରେ ତାଙ୍କର ଅନେକ ଲେଖା ସଂଗ୍ରହାଳୟରେ ସଂରକ୍ଷିତ । ପ୍ରଗତିପନ୍ଥୀ ନୋବେଲ୍ ଧାରଣ ଥିଲା ଯେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ହିଁ ମାନବ ଜାତିର ସମୃଦ୍ଧି ହେବ । ଜ୍ଞାତି ବନ୍ଧୁ ବିହୀନ ନିଃସଙ୍ଗ ଜୀବନ ଥିଲା ବର୍ନହାର୍ଡ ନୋବେଲଙ୍କର । ୧୮୯୬ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ଅଲଫ୍ରେଡ୍ ବର୍ନହାର୍ଡ ନୋବେଲ୍ ଅଫିସ୍ ଟେବୁଲ ପାଖରେ ବସି କାମ କରୁଥିବା ସମୟରେ ଚିରନିଦ୍ରାରେ ଶୋଇ ଯାଇଥିଲେ । ତାଙ୍କ ମୃତ୍ୟୁବେଳକୁ ପାଖରେ କେହି ନଥିଲେ । ତାଙ୍କ ଟେବୁଲ ଡ୍ର' ଭିତରୁ ମିଳିଲା ଅନ୍ତିମ ଇଚ୍ଛାପତ୍ର ଓ ଶାନ୍ତି ସନନ୍ଦ । ନୋବେଲ୍‌ଙ୍କ ଶେଷ ଇଚ୍ଛାପତ୍ର ୧୮୯୫ ମସିହା ନଭେମ୍ବର ମାସ ୨୭ ତାରିଖରେ ପ୍ୟାରିସ୍‌ଠାରେ ସ୍ୱାକ୍ଷରିତ ହୋଇଥିଲା । ଉଇଲ୍‌ର ସର୍ତ୍ତ ଅନୁଯାୟର ଗଠିତ ହେଲା 'ନୋବେଲ୍ ଫାଉଣ୍ଡେସନ୍' ।

ନୋବେଲ୍‌ଙ୍କର ସମ୍ପତିର ବିକ୍ରିବଟାରୁ ପ୍ରାପ୍ତ ଅର୍ଥ ଓ ଗଚ୍ଛିତ ଅର୍ଥକୁ ମିଶାଇ ଏକ ସ୍ଥାୟୀ ପାଣ୍ଠିରେ ଜମା ରଖାଗଲା । ଏହି ଜମା ଅର୍ଥର ସୁଧରୁ ନୋବେଲ ପୁରସ୍କାର ବାବଦରେ ଖର୍ଚ୍ଚ ପାଇଁ ବ୍ୟବସ୍ଥା ହେଲା । ପୁରସ୍କାର ପ୍ରଦାନର ଦାୟିତ୍ୱ ନୋବେଲ୍ ଫାଉଣ୍ଡେସନ୍ ଉପରେ ନ୍ୟସ୍ତ ହେଲା । ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ମୃତ୍ୟୁ ଦିବସକୁ 'ନୋବେଲ୍ ଦିବସ' ରୂପେ ପାଳନ କରାଯାଏ ।୧୯୦୧ ମସିହାଠାରୁ ନୋବେଲ ଫାଉଣ୍ଡେସନ୍, ଚାରିଟି ପୁରସ୍କାର ପ୍ରଦାନକାରୀ ସଂସ୍ଥାଦ୍ୱାରା ୫ଟି ବିଭାଗ ପାଇଁ ପୁରସ୍କାର ପ୍ରଦାନକରି ଆସୁଅଛି । ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ତତ୍ତ୍ୱ ତଥା ଭେଷଜ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି ପାଇଁ ମହାନ୍ ବ୍ୟକ୍ତିମାନଙ୍କୁ ନୋବେଲ୍ ପୁରସ୍କାର ଦିଆଯାଇଥାଏ । ବ୍ୟାଙ୍କ ଅଫ୍ ସୁଇଡେନ୍ ୧୯୬୮ ମସିହାରେ ନୋବେଲ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥନୀତି ବିଜ୍ଞାନ ଶାଖାରେ ନୋବେଲ ପୁରସ୍କାର ଦେବାର ବ୍ୟବସ୍ଥା କଲେ ଓ ୧୯୬୯ ମସିହାଠାରୁ ଏହା ପ୍ରଦତ ହେଲା । ନୋବେଲ ପୁରସ୍କାର ଲାଭ କରିଥିବା ବ୍ୟକ୍ତିଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥାଏ ଗୋଟିଏ ସ୍ୱର୍ଣ୍ଣ ପଦକ, ଏକ ପ୍ରମାଣ ପତ୍ର ଓ ଅର୍ଥ ରାଶି ।

ପାରାଦ୍ୱୀପଗଡ଼
ମୋ: ୯୯୩୭୬୭୯୧୪୭୫

# କେନ୍ଦ୍ରାପଡା ପୌରସଂସ୍ଥା ନଗରପାଳ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ପୌରସଂସ୍ଥାର ନଗରପାଳ ପଦବୀଟି ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଓଡିଶା ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ରାଜ୍ୟର ୧୦୭ଟି ଆ□ଳିକ ବିଜ୍ଞାପିତ ପରିଷଦ ଏବଂ ପୌରସଂସ୍ଥାର ଅଧକ୍ଷ ପଦ ନିମନ୍ତେ ଚିଠା ତାଲିକା ଶନିବାର ପ୍ରକାଶ ପାଇଛି। ସେହି ଅନୁଯାଇ କେନ୍ଦ୍ରାପଡା ପୌରସଂସ୍ଥାର ଅଧକ୍ଷ ପଦଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ଆ□ଳିକ ବିଜ୍ଞାପିତ ପରିଷଦର ଅଧକ୍ଷ ପଦଟି ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଯଦି ଏଥିରେ କାହାର କୌଣସି ଅଭିଯୋଗ ବା ମତାମତ କିଛି ଥାଏ ତେବେ ବିଜ୍ଞପ୍ତି ପ୍ରକାଶନର ୧୫ଦିନ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଲିଖିତ ଭାବରେ ଜଣାଇବାକୁ କୁହାଯାଇଛି। କେନ୍ଦ୍ରାପଡା ପୌରସଂସ୍ଥା ଅଧକ୍ଷ ପଦଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ନଗରପାଳ ଦୌଡରେ ଥିବା ସରକାରୀ ଦଳ ସମେତ କଂଗ୍ରେସ ଦଳର ବହୁ ଆଶାୟୀଙ୍କୁ ନିରାଶ ହେବାକୁ ପଡିଛି। କିନ୍ତୁ ସରକାରୀ ଦଳର କେତେକ ଆଗ ଧାଡିର ମହିଳାମାନେ ଏହି ସଂରକ୍ଷଣକୁ ନେଇ ଆଶାୟୀ ହୋଇପଡିଥିବା ସୂଚନା ମିଳିଛି।






# ପାରାଦୀପ ବନ୍ଦରର ପୂର୍ବତନ କ୍ରୀଡାବିତ୍ ତଥା ଖେଳ ଶିକ୍ଷକଙ୍କ ବିୟୋଗରେ ଗୋପବନ୍ଧୁ କ୍ରୀଡା ସଂସଦର ଶୋକସଭା



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରର ପୂର୍ବତନ କବାଡି ଖେଳାଳି, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଏବଂ ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ରଙ୍କ ୬୯ବର୍ଷ ବୟସରେ ଜାନୁଆରୀ ୧୨ତାରିଖ ବୁଧବାର ଅପରାହ୍ନରେ ପରଲୋକ ଘଟିଛି । ସେ କିଛି ଦିନ ହେବ ଫୁସଫୁସ ଜନିତ ରୋଗରେ ପଡିତ ଓ ଚିକିତ୍ସିତ ହେଉଥିଲେ । ସେ ଜଣେ କ୍ରୀଡାବିତ୍, ଖେଳ ପ୍ରଶିକ୍ଷକ, ଅମାୟିକ ଓ ମେଳାପି ବ୍ୟକ୍ତିତ୍ୱ ପାଇଁ ସାରା ଓଡିଶାର ଖେଳ ଜଗତରେ ଅତ୍ୟନ୍ତ ପରିଚିତ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ସ୍ଥାନିୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ସମସ୍ତ କୋଭିଡ ନିୟମ ଅନୁଶୀଳନ ପୂର୍ବକ ଏକ ଶୋକସଭାର ଆୟୋଜନ କରାଯାଇଥିଲା । ଏଥିରେ କ୍ରୀଡା ସଂସଦର ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧି, କ୍ରୀଡା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ, କୋଷାଧକ୍ଷ ରୁଦ୍ର ନାରାୟଣ ମିଶ୍ର, ସଂପାଦକ ରଂଜନ ରଶ୍ମି ବେଉରା, ସହସଂପାଦକ ଅଜୟ କୁମାର ବେହେରା ଓ ଅନ୍ୟାନ୍ୟ କ୍ରୀଡାବିତ୍ ମାନେ ଯୋଗ ଦେଇ ଶୋକବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

## କେନ୍ଦୁଝରରେ ପୁଣି ଏକ ଲଜ୍ୟା : ନାବାଳିକା କୁ ଜଣେ ମଦ୍ୟପ ଯୁବକର ଦୁଷ୍କର୍ମ

କେନ୍ଦୁଝର, (ପି.ଏନ): କେନ୍ଦୁଝର ରେ ଘଟିଯାଇଛି ଏକ ଲଜ୍ୟା ଜନକ ଘଟଣା । ଜଣେ ମଦ୍ୟପ ଯୁବକ ଏକ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ କରିଥିବାର ଅଭିଯୋଗ ଆସିଛି । ଏହ ଅଭାବନୀୟ ଘଟଣାଟି ଗତକାଲି ଘଟିଥିବା ବେଳେ ତେଲକୋଇ ଥାନା ଅନ୍ତର୍ଗତ କରମଙ୍ଗି ପଂଚାୟତର କୃଷ୍ଣପୁର ଗ୍ରାମରେ ହିଁ ରେ ଘଟିଛି । ନାବାଳିକାଟିକୁ ବିସ୍କୁଟର ପ୍ରଲୋଭନ ଦେଇ ରାତ୍ରୀ ତମାମ ଯୁବକ ଜଣକ ଦୁଷ୍କର୍ମ କରିଥିବାର ଅଭିଯୋଗ ଆସିଛି । ଗତକାଲି କୃଷ୍ଣପୁର ଗ୍ରାମର ପୁରୁଣା ସାହୀରେ ଜଣେ ବ୍ୟକ୍ତି ଙ୍କର ମୃତ୍ୟୁ ଘଟିଥିବା ବେଳେ ସାହିର ପ୍ରାୟ ସମସ୍ତ ଲୋକମାନେ ସେପଟେ ବ୍ୟସ୍ତ ରହିଥିଲେ । ଏହି ସୁଯୋଗରେ ଅଭିଯୁକ୍ତ ରମାକାନ୍ତ ନାୟକ ସୁଶାନ୍ତ ନାୟକ ଙ୍କର ୬ ବର୍ଷର ଶିଶୁ କନ୍ୟାକୁ ବିସ୍କୁଟର ପ୍ରଲୋଭନ ଦେଖାଇ ନିଜ ଘରକୁ ଟେକି ନେଇଥିଲେ । ଯେଉଁ ଘଟଣାକୁ ସାହିର ଅନ୍ୟ କିଛି ଛୋଟ ପିଲାମାନେ ଦେଖିଥିଲେ । ତେବେ ଆଜି ସକାଳୁ ଶିଶୁର ପରିବାର ଲୋକମାନେ ଶିଶୁ କନ୍ୟାକୁ ଖୋଜା ଖୋଜି କରିବା ବେଳେ ଶିଶୁଟିର ସାଙ୍ଗ ସାଥୀମାନଙ୍କୁ ପଚାରାଉଚୁରା କରିବା ବେଳେ ଶିଶୁ କନ୍ୟାଟିକୁ ରମାକାନ୍ତ ଗତକାଲି ତାଙ୍କ ନିଜ ଘରକୁ ଟେକି ନେଇଯାଇଥିବା କଥା ସେମାନେ କହିଥିଲେ ।

# ବିଏମ୍‌ସିର ୩୦ ନମ୍ବର ୱାର୍ଡ଼ରେ ଏସ୍‌ଏଚ୍‌ଜି ଗୋଷ୍ଠୀର ୱାର୍ଡ଼ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ମହାନଗର ନିଗମର ୩୦ ନମ୍ବର ୱାର୍ଡ଼ରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ଏକ ତାଲିମ ଶିବିର ସହିଦନଗରସ୍ଥିତ ସାଇମନ୍ଦିର ପଡ଼ିଆ ନିକଟସ୍ଥ ସହିଦ କ୍ଲବ ପରିସରରେ ଅନୁଷ୍ଠିତ ହୋଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତିଭା ସ୍ୱୟଂ ସହାୟକ ମହାସଂଘ, ସହିଦ ଭଗତସିଂ ସ୍ୱୟଂ ସହାୟକ ମହାସଂଘ ଓ ଅନନ୍ତ ବାସୁଦେବ ସ୍ୱୟଂ ସହାୟକ ମହାସଂଘର ଶତାଧିକ ମହିଳାମାନେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ମାନ୍ୟବର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଥିଲେ ଯେ, ମହିଳାମାନଙ୍କ କାର୍ଯ୍ୟଧାରାରେ ଖୁସି ହୋଇ ସରକାର ୨୧ଟି ବିଭାଗର ବିଭିନ୍ନ ଦାୟିତ୍ୱ ଦେଇଛନ୍ତି ଏବଂ ଏସ୍‌ଏଚ୍‌ଜି ମା'ମାନେ ସଫଳତାର ସହ ନିଷ୍ଠାପର ଭାବେ ସ୍ୱଚ୍ଛତା ରଖି ସବୁ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହୋଇପାରିଛି ବୋଲି କହିଥିଲେ । ଆଗକୁ ମଧ ଏହିଭଳି



ଅନେକ କାର୍ଯ୍ୟ ଦୃଢ ସଂକଳ୍ପ ନେଇ ସ୍ୱଚ୍ଛତାର ସହ ସଫଳତା ଅର୍ଜନ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହାତକୁ ମଜଭୁତ କରିବେ ବୋଲି ଆଶା ରଖିଛନ୍ତି । ଏପରିକି ଆଗାମୀ ଦିନରେ ମହିଳାମାନଙ୍କୁ ମିଟର ରିଡ଼ିଙ୍ଗ ସହିତ ବିଦ୍ୟୁତ୍ ବିଲ୍ ଆଦାୟ, ରାସନକାର୍ଡ଼ରେ ଚଉଳ ବଣ୍ଟନ, ଏସ୍.ସି, ଏସ୍.ଟି ପିଲାଙ୍କ ପାଇଁ ହଷ୍ଟେଲରେ ଖାଦ୍ୟ ବିତରଣର ଦାୟିତ୍ୱ, ଆହାର କେନ୍ଦ୍ରରେ ଖାଦ୍ୟ ବିତରଣ ଦାୟିତ୍ୱ, ଅଙ୍ଗନବାଡ଼ି କେନ୍ଦ୍ରରେ ଛତା, ଜୋତା, ପୋଷାକ ଯୋଗାଣ ଦାୟିତ୍ୱ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମାନ୍ୟବର ମୁଖ୍ୟମନ୍ତ୍ରୀ ଏସ୍‌ଏଚ୍‌ଜି ଗୋଷ୍ଠୀର ମା'ମାନଙ୍କ ହାତକୁ ଦେବା ପାଇଁ ସମ୍ପୂର୍ଣ୍ଣ ଭରସା ଓ ବିଶ୍ୱାସ ରଖିଛନ୍ତି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ । ଏହି ତାଲିମ ଶିବିରରେ ମିଶନ ଶକ୍ତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଡ. ଶକୁନ୍ତଳା ଗୌଡ଼, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ରାଜକିଶୋର ଦାସ, ଭୁବନେଶ୍ୱର ସମ୍ପାଦକ ସରୋଜ ପାତ୍ର ଏବଂ ଭୁବନେଶ୍ୱର ଯୁବ ସମ୍ପାଦକ ଦୀପକ ବେହେରା ଯୋଗ ଦେଇଥିବା ବେଳେ ପ୍ରତିଭା ସ୍ୱୟଂ ସହାୟକ ମହାସଂଘର ସଭାପତି ମାମାଲିକା, ସମ୍ପାଦିକା ରଶ୍ମିତା, ସହିଦ ଭଗତସିଂ ସ୍ୱୟଂ ସହାୟକ ମହାସଂଘର ସଭାପତି ରଞ୍ଜୁଲତା, ସମ୍ପାଦିକା ଅନୁସୟା, ଅନନ୍ତ ବାସୁଦେବ ସ୍ୱୟଂ ସହାୟକ ମହାସଂଘର ସଭାପତି ଶାନ୍ତିଲତା ଓ ସମ୍ପାଦିକ ନିହାରିକା ପ୍ରମୁଖ ଯୋଗ ଦେଇଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ସ୍ତରୀୟ ନ୍ତସୂର୍ଯ୍ୟ ନମସ୍କାର' କାର୍ଯ୍ୟକ୍ରମ ଆୟୋଜିତ

ପାରାଦୀପ,(ପି.ଏନ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ସ୍ତରୀୟ 'ସୂର୍ଯ୍ୟ ନମସ୍କାର' ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱସ୍ତରରେ ଆୟୋଜିତ ହୋଇଥିବା ଏବଂ କେନ୍ଦ୍ର ଆୟୁସ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଆହ୍ୱାନ କ୍ରମେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରନାଦଙ୍କ ନେତୃତ୍ୱରେ କୋଭିଡ କଟକଣା ମଧ୍ୟରେ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଫିସର୍ସ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ନିୟନ୍ତ୍ରଣ ଓ ସୂର୍ଯ୍ୟ କିରଣରେ ବିଭିନ୍ନ ରୋଗ ନିୟନ୍ତ୍ରଣ ଇତ୍ୟାଦି ନିମନ୍ତେ ସୂର୍ଯ୍ୟଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟ ବୋଲି ଆୟୁସ ମନ୍ତ୍ରଣାଳୟ ପକ୍ଷରୁ ଜଣାଯାଇଛି ।

# ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳ ଚଣ୍ଡିଖୋଲ ପକ୍ଷରୁ ଶପଥ ଉତ୍ସବ ପାଳିତ

ଚଣ୍ଡିଖୋଲ, (ପିଏନ):ପ୍ରତ୍ୟେକ ବର୍ଷ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ଶ୍ରୀ ସତ୍ୟସାଇ ବାବାଙ୍କ ନିୟମ ଅନୁସାରେ ନୂତନ ସଭ୍ୟ ଗ୍ରହଣ ପାଇଁ ଶପଥ ଉତ୍ସବ କରାଯାଇଥାଏ । ଗତକାଲି ମକର ସଂକ୍ରାନ୍ତି ଦିନ ଅପରାହ୍ନ ୫ ଘଟିକା ସମୟରେ ସତ୍ୟସାଇ ଭଜନ ମଣ୍ଡଳ ଚଣ୍ଡିଖୋଲ ପକ୍ଷରୁ ନିଶିମଳାସ୍ଥିତ ସାଇ ମନ୍ଦିର ଗୃହରେ ପାଳନ କରାଯାଇଅଛି । ପ୍ରାତଃ ସମୟରେ ବାବାଙ୍କ ଫଟୋଚିତ୍ର ସମ୍ମୁଖରେ ଷୋଡ଼ଶ ଉପଚାର ପୂଜା ଓ ଭଜନ କରାଯାଇଥିଲା । ସଂଧ୍ୟା ସମୟରେ ଭଜନ କରାଯାଇ ଆଳତୀ ଦିଆଯାଇଥିଲା । ନୂତନ ଆହାବକ ଭାବେ ପ୍ରଭାତ କୁମାର ଜେନା ଶପଥ ପାଠ କରିଥିଲେ । ସଭ୍ୟଭାବେ ଶିବରାମ ସାହୁ, ପ୍ରଦୀପ କୁମାର ଜେନା, ଦୁଷ୍ମନ୍ତ



ଖିଲାର, ବିରକିଶୋର ଖଣ୍ଡାୟୀ, ହେମନ୍ତ ନାୟକ, ଅଶାନ୍ତ ମଲିକ୍, ପୁରୁଷୋତମ ବଳ, ଚାନ୍ଦ ଗୋବିନ୍ଦ ସାହୁ, ଉଜଳୀ ସାହୁ, ସୁମତ ମଣି ହାସଦା, ବୁଟୁ, ତାପସ, ଡୁକୁଲା ଯୋଗଦେଇ ବାବାଙ୍କ ନବ ବିଧି ନିୟମକୁ ପାଳନ କରିବା ପାଇଁ ଶପଥ ନେଇଥିଲେ ।

# ବିଶ୍ୱ ଓଡ଼ିଶା ସମାଜର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ

ଲସଏଞ୍ଜଲସ/ ଲଣ୍ଡନ/ ସିଙ୍ଗାପୁର/ ଦୁବାଇ/ମସ୍କୋ/ କାନବେରା/ ପୁରୀ/ ନୂଆଦିଲ୍ଲୀ /ଭୁବନେଶ୍ୱର,(ପି.ଏନ) : ବିଶ୍ୱ ଓଡ଼ିଶା ସମାଜ(ବିଓସ)ର ଆଜି ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । କରୋନା ସଂକ୍ରମଣ ତୀବ୍ର ହୋଇଥିବା ଯୋଗୁଁ କୌଣସି ଉତ୍ସବ ପାଳନ ନ କରାଯିବା ପାଇଁ ସମାଜ ତରଫରୁ ନିଷ୍ପତ୍ତି କରାଯାଇଥିଲା । ପ୍ରଥମ ସ୍ୱନକ୍ଷତ୍ର ଦିବସକୁ ଅତ୍ୟନ୍ତ ନିରାଡମ୍ବର ଓ ସାଙ୍କେତିକ ଢଙ୍ଗରେ ମନାଯାଇଥିଲା । ବିଶ୍ୱ ଓଡ଼ିଶା ସମାଜ ବିଶ୍ୱବ୍ୟାପି ଓଡ଼ିଆଙ୍କର ସର୍ବୋଚ୍ଚ ସଂଗଠନ ଅଟେ । ସାରା ପୃଥିବୀରେ ଓଡ଼ିଆ ସମ୍ପ୍ରଦାୟର ହିତ, ସାଧନ ଓ ସ୍ୱାର୍ଥ ସୁରକ୍ଷା ପାଇଁ ଏହା କାର୍ଯ୍ୟ କରି ଆସୁଛି । ବିଭିନ୍ନ ରାଷ୍ଟ୍ରର ଓଡ଼ିଆ ସମାଜ, ପ୍ରବାସୀ ଓଡିଆ ନେତୃବୃନ୍ଦ ଏବଂ ଓଡ଼ିଶାର ଶୁଭେଚ୍ଛୁ ଏହାର ସଦସ୍ୟ ଅଛନ୍ତି । ପୃଥିବୀ ବ୍ୟାପି ଓଡ଼ିଆଙ୍କର ଏହି ଶୃଙ୍ଗ ସଂଗଠନ ୨୦୨୧ ମସିହା ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଗଠନ କରାଯାଇଥିଲା । ଏବେ ଏହି ସଂସ୍ଥାରେ ସାରା ବିଶ୍ୱର ୫୬ ଟି ଦେଶର ଓଡ଼ିଆ ପ୍ରତିନିଧି ମାନେ ସାମିଲ ହୋଇଛନ୍ତି । ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଏହାର




ଅଧକ୍ଷ ଅଛନ୍ତି । ଓଡ଼ିଶା ବିଧାନସଭାର ବାଚ୍‌ସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, କେନିୟା ର ଓଡ଼ିଆ ସାଂସଦ ଡ଼ଃ ସ୍ୱରୂପ ମିଶ୍ର, ଶୋଭାନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀ ଯଥାକ୍ରମେ ଏହାର ମୁଖ୍ୟ ପୃଷ୍ଠପୋଷକ, ମୁଖ୍ୟ ଉପଦେଷ୍ଟା ଓ ପ୍ରତିଷ୍ଠାତ୍ରୀ ଅଟନ୍ତି । ଆଜି ବିଶ୍ୱ ଓଡ଼ିଶା ସମାଜ ତରଫରୁ ବରିଷ୍ଠ ସଦସ୍ୟ ବଦ୍ରିନାଥ ମିଶ୍ର, ମଧୁସୂଦନ ମିଶ୍ର ଏବଂ ବିଶିଷ୍ଟ ବାଲୁକା ଶିଳ୍ପୀ ମାନସ ସାହୁ ପ୍ରମୁଖ ପୁରୀ ଶ୍ରୀ ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ବିଓସ୍ ର ସ୍ଥାପନା ଦିବସ ଉପଲକ୍ଷେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ କାମନା କରିବା ସାଙ୍ଗକୁ କରୋନା ମହାମାରୀର ଦୂରୀକରଣ ପାଇଁ ପ୍ରାର୍ଥନା କରିଥଲେ । ଜାତୀୟ ରାଜଧାନୀ ନୂଆଦିଲ୍ଲୀର ହାଉସଖାସ ସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ବିଓସ ର ଅଡିଟର ସୁଧୀର ଦାଶ, ମହିଳା ଶାଖାର ଉପସଭାପତି ରିତା ପାତ୍ର ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ସଂସ୍ଥାର ଉତ୍ତରୋତ୍ତର ଉନ୍ନତି ଓ ମାନବ ସମାଜର କଲ୍ୟାଣ ପାଇଁ ଦୀପ ଦାନ କରିବା ସହିତ ସମୂହ ପ୍ରାର୍ଥନା କରିଥିଲେ । ସେହିପରି ବିଶ୍ୱ ଓଡ଼ିଶା ସମାଜର ପ୍ରେସିଡିୟମ୍ ସଦସ୍ୟ ବଦ୍ରି ମହାପାତ୍ର ଏବଂ ଶୁଭେଚ୍ଛୁ ମାନେ ଅହମ୍ମଦାବାଦସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ଭୁବନେଶ୍ୱର ଠାରେ ବିଶ୍ୱ ଓଡ଼ିଶା ସମାଜର ଅଧକ୍ଷ କିଶୋର ଦ୍ୱିବେଦୀ, ଯୁବ ସଦସ୍ୟ ନନ୍ଦନ ଦ୍ୱିବେଦୀ , ଅଷ୍ଟ୍ରେଲିଆର ଡଃ ନଳିନୀ ପତି, ଡଃ ପ୍ରଭାତ ପାଣିଗ୍ରାହୀ, ନିଉଜିଲ୍ୟାଣ୍ଡର ପ୍ରେମ ନେପାକ, କାନାଡା ର ତନ୍ମୟ ପଣ୍ଡା, ଡଃ ସୁନନ୍ଦା ମିଶ୍ର ପଣ୍ଡା, ଡଃ ଚିଦାତ୍ମିକା ଖଟୁଆ, ରାମକୃଷ୍ଣ ଦାଶ, ଆଇନଜିବୀ ପ୍ରଶାନ୍ତ ସାହୁ ପ୍ରମୁଖ ସ୍ଥାପନା ଦିବସ ପାଳନ କରିଥିବା ସୂଚନା ମିଳିଛି ।ପ୍ରଥମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଓସ ର ସଦସ୍ୟ ଓ ଶୁଭେଚ୍ଛୁ ମାନେ ସାରା ବିଶ୍ୱର ବିଭିନ୍ନ ଜଗନ୍ନାଥ ମନ୍ଦିର, ହିନ୍ଦୁ ମନ୍ଦିର, ଐତିହାସିକ ସ୍ଥଳ ମାନଙ୍କରେ ଦୀପ ଦାନ, ମହମବତୀ ପ୍ରଜ୍ୱଳନ ଏବଂ ବିଓସ ର ପ୍ରାଚୀର ପତ୍ର ପ୍ରଦର୍ଶନ କରି ଏହି ଶୁଭ ଦିବସକୁ ପାଳନ କରିଥିବା ଜଣା ଯାଇଛି । ଆମେରିକା ର ଧୀରେନ୍ଦ୍ର କର , ଅକ୍ଷୟ ମହାନ୍ତି , ମସ୍କର ସନ୍ତୋଷ ମିଶ୍ର , ଲଣ୍ଡନ ର ଡ଼ଃ ଜୟଶ୍ରୀ ନନ୍ଦ , ମଞ୍ଚେଷ୍ଟର ର ଶିବ ରଞ୍ଜନ ବିଶ୍ୱାଳ, ଜାପାନ ରେ କୁନା ଦାଶ, ଆୟର୍ଲାଣ୍ଡ ର ଶ୍ରିମାରାଣୀ ଦାସ ,ଦୁବାଇ ର ପ୍ରିତିଶ ଦାଶ , ସେଓଲ ର ସୀତାଂଶୁ ଶେଖର ନନ୍ଦ , ସିଙ୍ଗାପୁର ର ବନୋଜିନି ନାୟକ ଓ ଚିରଞ୍ଜିବି ସ୍ୱାଇଁ ପ୍ରମୁଖ ବିଶ୍ୱ ଓଡିଶା ସମାଜ ର କର୍ମକର୍ତା ମାନେ ସେମାନଙ୍କର ଦେଶରେ ବି ଓ ସ ର ସ୍ଥାପନା ଦିବସ ପାଳନ କରିଥିବା ପ୍ରାପ୍ତ ସଂବାଦରୁ ପ୍ରକାଶ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray